ଆଜି - ଗୁରୁବାର
ତାରିଖ - ୧୪ ମଇ ୨୦୨୬
ମାସ - ମେଷ, ଦିନ - ୩୧
ତିଥି - ଦ୍ୱାଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ରେବତୀ, ମୀନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୫: ୦୦
ସୂର୍ଯ୍ୟାସ୍ତ - ୬ : ୧୧ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଯେଉଁ ଦିନ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥାଅ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ତୁମେ କୌଣସି ଭୁଲ୍ ବାଟରେ ଯାଉଛ । "

- ସ୍ୱାମୀ ବିବେକାନନ୍ଦ

E-News : www.Ajikali epaper.com

Vol.- 41 ISSUE- 30 R.N.I. REGD. No. 44026/86 ବାଲେଶ୍ୱର ୧୪ ମଇ ୨୦୨୬ ଗୁରୁବାର BALASORE 14 MAY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ଦେଶର ଜନସାଧାରଣଙ୍କୁ ଅପିଲ୍ ପରେ ନିଜ କ୍ଷେତ୍ରରେ ଲାଗୁକଲେ ପ୍ରଧାନମନ୍ତ୍ରୀ

## ବାସଭବନରୁ ଦୁଇଟି ଗାଡ଼ିର କାରକେଡ଼୍‌ରେ ବାହାରି ବୈଠକରେ ଯୋଗଦେଲେ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ବିଶ୍ୱରେ ଅସ୍ଥିରତା ଲାଗିରହିଛି । ବର୍ତ୍ତମାନର ବିଶ୍ୱ ଶକ୍ତି ସଙ୍କଟ ସମୟରେ, ବିଭିନ୍ନ ଦେଶର ସରକାରମାନେ ନାଗରିକଙ୍କୁ ଇନ୍ଧନ ବ୍ୟବହାର କମେଇବା, ଯାତାୟାତ ସୀମିତ କରିବା ଓ ଶକ୍ତି ସଂରକ୍ଷଣ ପାଇଁ ଆହ୍ୱାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପେଟ୍ରୋଲ ଓ ଡିଜେଲ ସଂଚୟ କରିବା ଏବଂ ଅନାବଶ୍ୟକ ଖର୍ଚ୍ଚ କାଟ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଦେଶବାସୀଙ୍କୁ ଅନାବଶ୍ୟକ ସୁନା କ୍ରୟରୁ ଦୂରେଇ ରହିବା ଓ ବିଦେଶୀ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଥିଲେ । ଉତରପ୍ରଦେଶ, ମଧ୍ୟପ୍ରଦେଶ ଓ ଗୁଜରାଟ ପରି ରାଜ୍ୟଗୁଡ଼ିକ ଏବେ ଇନ୍ଧନ ବଂଚାଇବାକୁ ଜରୁରୀ ପଦକ୍ଷେପ ଗ୍ରହଣ କରି ଜନସାଧାରଣଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଆହ୍ୱାନ କେବଳ ଦେଶବାସୀଙ୍କଠାରେ ସୀମିତ ନୁହେଁ ବରଂ ନିଜ କ୍ଷେତ୍ରରେ ମଧ୍ୟ ଲାଗୁ କରିଛନ୍ତି ଖୋଦ ମୋଦି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ୟମରେ, ନିଜେ ବ୍ୟବହାର କରୁଥିବା କନଭୟ



ଯାନବାହାନ ସଂଖ୍ୟା ଯଥେଷ୍ଟ ସୀମିତ କରିଦେଇଛନ୍ତି । ମୋଦିଙ୍କ ଏହି ଆହ୍ୱାନ ମଧ୍ୟ ବିଶ୍ୱସ୍ତରୀୟ ପଦକ୍ଷେପର ଏକ ଅଂଶ । ଅନେକ ଦେଶ କେବଳ ଆହ୍ୱାନରେ ସୀମିତ ରହିନାହାନ୍ତି ବରଂ ଇନ୍ଧନ କମ୍ ବ୍ୟବହାର, ବାଧ୍ୟତାମୂଳକ ୱର୍କ-ଫ୍ରମ୍-ହୋମ୍, ଇନ୍ଧନ ସୀମା, ଯାତ୍ରା କମାଇବା ଭଳି କଠୋର ନୀତି ଲାଗୁ କରିଛନ୍ତି । ଯାହାଦ୍ୱାରା ୨୦୨୬ ତୈଳ ସଙ୍କଟକୁ ମୁକାବିଲା କରାଯାଉଛି । ପଶ୍ଚିମ ଏସିଆର ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ ନିବେଦନ କରିଛନ୍ତି ଯେ ଯାନବାହାନର ବ୍ୟବହାର ଖୁବ କମ କରିବା ଉଚିତ । ମୋଦି ନିଜେ ଏହି ଅପିଲକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ମୋଦିଙ୍କ ସାମ୍ପ୍ରତିକ ଗୁଜରାଟ ଏବଂ ଆସାମ ଗସ୍ତ ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ଦେଖିବାକୁ ମିଳିଛି । ଏହି ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁରକ୍ଷାରେ କୌଣସି ବାଧା ଦିଆଯାଇ ନାହିଁ । ମୋଦିଙ୍କ ସୁରକ୍ଷା ଏବଂ ୫ଚଏ ପ୍ରୋଟୋକଲ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ବଜାୟ ରଖି ଯାନବାହାନ ସଂଖ୍ୟା ହ୍ରାସ କରାଯାଇଛି । ମୋଦି ହାଇଦ୍ରାବାଦରେ ଏହି ଅପିଲ କରିଥିଲେ । ଏହାର ତୁରନ୍ତ ପରେ, ଭରୋଡ୍ରା ଏବଂ ଗୌହାଟୀ ଗସ୍ତ ସମୟରେ ତାଙ୍କ କଲଭୟ ଯାନବାହାନ ସଂଖ୍ୟା ସୀମିତ କରାଯାଇଥିଲା । ଅନ୍ୟପଟେ ଉତରପ୍ରଦେଶରେ ସରକାରୀ ଗାଡ଼ି ବ୍ୟବହାରରେ ୫୦% ହ୍ରାସ ପାଇଁ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜର କ୍ୟାବିନେଟ୍ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ସରକାରୀ ଗାଡ଼ି ବ୍ୟବହାର ତୁରନ୍ତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷ୍ନୌରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସେ ସ୍ପଷ୍ଟ କରିଛନ୍ତି ଯେ ସରକାରୀ କାର୍ଯ୍ୟକ୍ରମରେ କୌଣସି ଅନାବଶ୍ୟକ ଗାଡ଼ି ରହିବ ନାହିଁ । ଏପରିକି ଜନପ୍ରତିନିଧିମାନଙ୍କୁ ସପ୍ତାହକୁ ଅତିକମରେ ଥରେ ସର୍ବସାଧାରଣ ପରିବହନ ବା ବସ୍-ଟ୍ରେନ୍ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ସପ୍ତାହକୁ ଅତିକମରେ ଦୁଇ ଦିନ 'ୱାର୍କ ଫ୍ରମ୍ ହୋମ୍' ଓ ଅନ୍‌ଲାଇନ୍ କ୍ଲାସ୍ କରିବାକୁ କୁହାଯାଇଛି, ଯାହାଫଳରେ ରାସ୍ତାରେ ଭିଡ଼ କମିବା ସହ ତେଲ ଖର୍ଚ୍ଚ ହ୍ରାସ ପାଇବ । ମଧ୍ୟପ୍ରଦେଶରେ ଶୋଭାଯାତ୍ରା ଓ ବଡ଼ କନ୍‌ଭୟ ଉପରେ ରୋକ ଲଗାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ସୁରକ୍ଷା କନ୍‌ଭୟରେ ଗାଡ଼ି ସଂଖ୍ୟାକୁ ୧୩ରୁ ୮କୁ କମାଇ ଦେଇଛନ୍ତି । ଗୁଜରାଟ ରାଜ୍ୟପାଳ ହେଲିକପ୍ଟର ଛାଡ଼ି ମେଟ୍ରୋ ଓ ବସ୍‌ରେ ଯାତ୍ରା କରିବାକୁ ଘୋଷଣା କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌ର ଗାଡ଼ିସଂଖ୍ୟା ଅଧା ହେଲା

## ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗୁରୁତ୍ୱ ଦେବାକୁ ରାଜ୍ୟବାସୀଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ କରି ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ଗୁଡିକୁ କମ୍ କରି ଅଧା କରିଦେଇଛନ୍ତି । ଏହା



ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । କେବଳ ଆବଶ୍ୟକ ସ୍ଥଳରେ ଗାଡି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ସୁନା ନକିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଇନ୍ଧନ ବଂଚାଅ ଅପିଲ୍‌କୁ ସ୍ୱାଗତ କଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର : ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ଇନ୍ଧନ ବଂଚାଇବାକୁ ଅପିଲ୍ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହା ସହ ନିଜ କାରକେଡ୍ ରୁ ଗାଡି ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିଛନ୍ତି ପିଏମ୍ । ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସେ କହିଛନ୍ତି ଯେ, ଏଣିକି ମୁଁ ସରକାରୀ ବସରେ ଯିବା ଆସିବା କରିବି । ଅତି ଆବଶ୍ୟକ ସ୍ଥଳେ ନିଜ ଗାଡି ବ୍ୟବହାର କରିବି । ମୋ ଗସ୍ତ ସମୟରେ ତିନୋଟି ଗାଡି ଯାଉଥିଲା, ଏବେ କିନ୍ତୁ ଗୋଟିଏ ଗାଡିରେ ଯିବି । ପ୍ରଧାନମନ୍ତ୍ରୀଙ୍କ ନିବେଦନ ଆମ ଠାରୁ ପ୍ରତିଫଳନ ହେବା ଆବଶ୍ୟକ ।



ସେପଟେ ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଓଡ଼ିଶା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଗୁରୁତ୍ୱ ଦେଉଛି । ପ୍ରଧାନମନ୍ତ୍ରୀ ଯାହା ଆହ୍ୱାନ କରିଛନ୍ତି ସେଟା ସମାଜ ପାଇଁ ଆବଶ୍ୟକ । ମୁଁ ବସ୍, ଟ୍ରେନ୍‌ରେ ଯାତ୍ରା କରିବି । ଇଭି ବ୍ୟବହାର କରିବି । ଅନ୍ୟ ସରକାରି କର୍ମଚାରୀ ଇଭି ବ୍ୟବହାର କରନ୍ତୁ । ଅଣାୟତ ଭାବରେ ଯେଉଁ ସବୁ ଗାଡି କିଣାଯାଉଛି ସେଥିପାଇଁ ଝଙ୍ଚ ଜାରି ହୋଇଛି । ଯେଉଁମାନେ ଗାଡି ନେବେ ପ୍ରଥମେ ପାର୍କିଂ ପାଇଁ ବ୍ୟବସ୍ଥା କରିବେ, ତାପରେ ରେଜିଷ୍ଟ୍ରେସନ ହେବ ।

## ଅଳ୍ପରେ ଖବର

- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବେଙ୍ଗାଲୁରୁସ୍ଥିତ ୟୁ.ଆରରାଓ ସାଟେଲାଇଟ୍ ସେଂଟର (ୟୁଆରଏସସି) ଏବଂ ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ (ଆଇଏସଆଇଟିଇ) ପରିଦର୍ଶନ କରିଛନ୍ତି ।
- ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି ।
- ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ ବା ଓଟିଇଟି ପରୀକ୍ଷାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ କୃତକାର୍ଯ୍ୟ କାମନା କରିଛନ୍ତି ।
- ଦୁଇ ସର୍ବବୃହତ୍ ଦୁଗ୍ଧ ବ୍ରାଣ୍ଡ ଅମୁଲ୍ ଏବଂ ମଦର ଡାଏରୀ ସେମାନଙ୍କ ବିଭିନ୍ନ ଉତ୍ପାଦର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ୧୪ ମଇ ଅର୍ଥାତ୍ ଆସନ୍ତାକାଲି ଠାରୁ ଲାଗୁ ହେବ ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

## ୩୮ ନବ ଦମ୍ପତିଙ୍କୁ ଆଶୀର୍ବାଦ ସହ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭତୀ ପରିଡ଼ା

ଭୁବନେଶ୍ୱର : ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଆଜି କେନ୍ଦୁଝର ଶଙ୍କରପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ୩୮ଜଣ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦୁଝର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଡାକ୍ତର ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ



କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାରେ ଚାଲୁ ରହିଥିବା ବିକାଶମୂଳକ ପ୍ରକଳ୍ପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ମୋହନ ନାଏକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀମତୀ ପରିଡ଼ା ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ କୋଠା ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ଶୌଚାଳୟ ଭଳି ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ । ସେହିପରି ଫେସ୍ ରେକଗ୍ନିସନ ସିଷ୍ଟମ ମାଧ୍ୟମରେ ବଂଟନ, ଶିଶୁ ପୋଷଣ ନିରୀକ୍ଷଣ ଏବଂ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ସହ ଆବେଦନଗୁଡ଼ିକର କ୍ଷେତ୍ର ଭିତିକ ସତ୍ୟାପନର ସମୀକ୍ଷା କରାଯାଇଥିଲା । ମିଶନ ଶକ୍ତି, ସାମର୍ଥ୍ୟ, ଶକ୍ତି ସଦନ ଏବଂ ପାଳନା କ୍ରେଚ୍ ସେବା ସହ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଚାଲୁଥିବା ସଚେତନତା ଅଭିଯାନ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ଚାଲୁଥିବା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଏବଂ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପିଲାମାନଙ୍କର ପୁନର୍ବାସ ଓ ଶିକ୍ଷାଗତ ସହାୟତା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ, ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମା' ତାରିଣୀ ମନ୍ଦିର, ସାନଘାଗରା, ବଡ଼ଘାଗରା ଏବଂ ଖଣ୍ଡାଧାରଠାରେ ପାର୍କିଂ, ଚାଲିବା ରାସ୍ତା, ଶୌଚାଳୟ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ପରଖାଯାଇଛି ।

# ଭାରତ ଇନୋଭେଟସର ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲରେ ଅଧ୍ୟକ୍ଷତା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍‌ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ



ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି ।

# ବଢ଼ିବ ତାତି: ୪୧ ଡିଗ୍ରୀ ଛୁଇଁପାରେ ପାରଦ

ଭୁବନେଶ୍ୱର: ମନ୍ନାର ଉପସାଗର ଓ ଶ୍ରୀଲଙ୍କା ଉପରେ ସକ୍ରିୟ ଥିବା



ଘୂର୍ଣ୍ଣିବଳୟ ପ୍ରଭାବରେ ଗତକାଲି ସକାଳେ ଉତର ଶ୍ରୀଲଙ୍କା ଉପକୂଳସ୍ଥ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାସହ ଜଡ଼ିତ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେବାର ସମ୍ଭାବନା କମ୍ । ଆଗାମୀ ୪୮ ଘଂଟାରେ ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇପାରେ । କିନ୍ତୁ ଅବପାତ ହେବାର କ୍ୱଚିତ୍ ସମ୍ଭାବନା ଅଛି । ତେବେ ଆସନ୍ତା ୬ରୁ ୭ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୧୬ ତାରିଖ ବେଳକୁ ରାଜ୍ୟରେ ୪୧ ଡିଗ୍ରୀ ଛୁଇଁପାରେ ପାରଦ । ମଙ୍ଗଳବାର ଟିଟିଲାଗଡ଼ରେ ତାତି ସର୍ବାଧିକ ୪୦ ଡିଗ୍ରୀ ଥିଲା । ସମ୍ବଲପୁରରେ ୩୯.୯, ଝାରସୁଗୁଡ଼ାରେ ୩୯.୨ ଓ ଭବାନୀପାଟଣାରେ ୩୯ ଡିଗ୍ରୀ ଥିଲା । ବୁଧବାର ଓ ଗୁରୁବାର ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ରହିପାରେ । ତେବେ ଉପକୂଳ ଓଡ଼ିଶାରେ ୩୫ରୁ ୩୮ ଡିଗ୍ରୀ ଭିତରେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୧୫ ଓ ୧୬ ତାରିଖରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ୪୧ ଡିଗ୍ରୀ ଛୁଇଁପାରେ । କିନ୍ତୁ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ତାତି ୪୦ ଡିଗ୍ରୀ ତଳେ ରହିବ ବୋଲି ଆକଳନ କରାଯାଇଛି । କାଳବୈଶାଖୀ ବର୍ଷା ପ୍ରଭାବରେ ୧୬ ତାରିଖ ଯାଏ ଉତର ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଅଛି ।

# ଆସନ୍ତା ୨୦ରେ ଭାରତର ସମସ୍ତ ଔଷଧ ଦୋକାନ ବନ୍ଦ ରହିବ

ଭୁବନେଶ୍ୱର : ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତା ମେ ୨୦ ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବ । ୟୁସିଡ଼ିଏର ସଭାପତି ପି ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ନିୟମ ଅନୁଯାୟୀ ଅନଲାଇନରେ ଔଷଧ ବିକ୍ରୟର କୌଣସି ପ୍ରାବଧାନ ନହିଁ । କୋଭିଡ଼ ସମୟରେ ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନଲାଇନରେ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ । ହେଲେ ଆଜି ସ୍ଥିତି ସୁଧୁରିଯିବା ପରେ ମଧ୍ୟ ତାହାକୁ ପ୍ରତ୍ୟାହାର କରିନାହାଁନ୍ତି ଯାହାକି ଆମର ୩୦୦୦୦ ସଭ୍ୟଙ୍କ ବ୍ୟାପରରେ ବ୍ୟାଘାତ ହେବା ସହିତ ୨.୫ ଲକ୍ଷ ପରିବାରଙ୍କ ଚିନ୍ତାର କାରଣ ପାଲଟିଛି । ଅନେକ ଆପତିଜନକ ଔଷଧ ଯାହା ବିନା




ଡାକ୍ତରୀ ଚିଠାରେ ବିକ୍ରି ହେବା କଥା ନୁହେଁ, ତାହା ଆଜି ସହଜ ଭାବରେ ଉପଲବ୍ଧ ହେଉଛି । ଅନେକ ନିଶା ବଟିକା ଅନଲାଇନରେ ଅତି ସହଜରେ ମିଳୁଛି, ଯାହା ଯୁବପିଢ଼ିଙ୍କୁ ବିପଥଗାମୀ କରୁଛି । ଔଷଧ ବ୍ୟବସାୟର ଲାଭାଂଶ ଓ ଏମ୍.ଆର.ପି. ଯାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ (ଏନ୍‌ପିପିଏ / ଡିପିସିଓ) ହୋଇଥାଏ ତା'ଠାରୁ ଅତି ଅଧିକ ମାତ୍ରାରେ ରିହାତିରେ ଔଷଧ ଅନଲାଇନରେ ମିଳୁଛି, ଯାହା ସାଧାରଣ ବ୍ୟବସାୟୀଙ୍କୁ ଅନେକ କ୍ଷତି ପହଂଚାଉଛି ।ତେଣୁ ଆମର ଦାବି କୋଭିଡ଼ ସମୟ ଜରୁରୀ ବିଜ୍ଞପ୍ତିକୁ ତୁରନ୍ତ ରଦ୍ଦ କରାଯାଉ ଓ ଅନଲାଇନ ଔଷଧ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ । ଅତ୍ୟଧିକ ରିହାତି ପ୍ରଦାନକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ । ଯଦି ଅନଲାଇନ ଔଷଧ ବିକ୍ରି ବନ୍ଦ କରାନଯାଏ, ତେବେ ଆସନ୍ତା ମେ ୨୦ ତାରିଖରେ ଓଡ଼ିଶା ସମେତ ଭାରତର ସମସ୍ତ ଔଷଧ ବ୍ୟବସାୟୀ ତାଙ୍କର ଦୋକାନ ବନ୍ଦ ରଖିବେ । ଏଥିପାଇଁ ଯଦି କୌଣସି ଅଘଟଣ ବା ଦୁର୍ଘଟଣା ଘଟେ ତେବେ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ । ଆଗାମୀ ଭବିଷ୍ୟତରେ ଯଦି ଏ ପରିସ୍ଥିତିର କୌଣସି ସମାଧାନ ନହୁଏ, ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ । ଏହା ୟୁ.ସି.ଡି.ଏ ଏବଂ ସର୍ବଭାରତୀୟ ସଂଘ (ଏ.ଆଇ.ଓ.ସି.ଡି.)ର ଚରମ ନିଷ୍ପତି ହେବ ।





# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ

ବାଲେଶ୍ୱର,(ନି.ପ୍ର.): ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ ଜିଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୯ଘଟିକାରେ ଅଡିଟୋରିଓମ, ବାଲେଶ୍ୱର ସଭାଗୃହରେଅନୁଷ୍ଠିତ ହୋଇଯାଇଛି ଏଥିରେ ଜିଲାରେ ସମ୍ଭାବ୍ୟ ବନ୍ୟା ବାତ୍ୟା କିମ୍ବା ଅତ୍ୟଧିକ ବର୍ଷା ହେଲେ ତାର ସଠିକ୍ ମୁକାବିଲା ପାଇଁ ପ୍ରସ୍ତୁତିରସମୀକ୍ଷା କରାଯାଇଥିଲା । ବର୍ଷା, ବନ୍ୟା ପୂର୍ବରୁ ନଦୀବନ୍ଧ ତ?ଥା ସହରାଂଚଳ ନାଳ ମରାମତି, ଜଳ ଅବରୋଧ ସ୍ଥାନ ଚିହ୍ନଟ, ବନ୍ୟାପାଦିତ ଅଂଚଳରେ ଆବଶ୍ୟକଔଷଧ, ସାପ କାମୁଡ଼ା ଇଞ୍ଜେକସନ ଓ ଖାଦ୍ୟ ମହଜୁଦ ରଖୁବା, ହଇଜା, ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ



ପରବର୍ତୀ କାଳରେ କିଭଳି ପଦକ୍ଷେପ ନିଆଯିବ ସେନେଇ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା

ବନ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂଅସ୍ଥାୟୀଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମଜଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗପଓ୍ୱଡର ,ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଂଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ବୈଠକରେ ମାନ୍ୟବର ସାଂସଦ,ବାଲେଶ୍ୱର,ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ମାନ୍ୟବର ବିଧାୟକ, ବାଲେଶ୍ୱର,ଶ୍ରୀ ମାନସ କୁମାର ଦତ ,ମାନ୍ୟବର ବିଧାୟକ,ଭୋଗରାଇ,ଶ୍ରୀ ଗୌତମ ବୁଧ ଦାସ,ମାନ୍ୟବର ବିଧାୟକ,ଜଳେଶ୍ୱର,ଶ୍ରୀଅଶ୍ୱିନୀ ପାତ୍ର,ମାନ୍ୟବର ବିଧାୟକ, ସୋରୋ,ଶ୍ରୀମାଧବ ଧଡା,ମାନ୍ୟବର ବିଧାୟକ, ନୀଳଗିରି,ଶ୍ରୀସନ୍ତୋଷ ଖଟୁଆ,ବିଧାୟିକା,ବସ୍ତା, ଶ୍ରୀମତୀ ସୁବାସିନୀ ଜେନା, ଜ଼ିଲ୍ଲା ପରିଷଦ ସଭାପତି,ପଂଚାୟତ ସମିତି ଅଧକ୍ଷ ଏବଂ ଅନ୍ୟ ବିଧାୟକଏବଂ ସାଂସଦ ମାନଙ୍କର ପତିନିଧି, ଅତିରିକ୍ତ ଜ଼ିଲ୍ଲାପାଳ,(ରାଜସ୍ୱ ଏବଂ ସାଧାରଣ), ବାଲେଶ୍ୱର, ଉପ ଜ଼ିଲ୍ଲାପାଳ, ବାଲେଶ୍ୱର ଓ ନୀଳଗିରି,ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଓ.ଡ୍ରା.ଫ ବାହିନୀ, ସ୍ୱେଛାସେବି ସଂଗଠନ, ଆପଦ ମିତ୍ରସ୍ୱେଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ,ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ,ବାଲେଶ୍ୱର ଓ ଜ଼ିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱରଏବଂ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ଓ ଏବଂ ପରିଶେଷରେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ପଦ୍ମଲୋଚନ ଦତଙ୍କ ୩ଟି ପୁସ୍ତକ ଲୋକାର୍ପିତ

ବାଲେଶ୍ୱର, (ନି.ପ୍ର.): ପୁସ୍ତକର ପାଠକ ସଂଖ୍ୟା ବୃଦ୍ଧି ପାଇଲେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସଠିକ୍ ସୁରକ୍ଷା ଦିଆଯାଇପାରିବ ବୋଲି ବୁଧବାର ପୂର୍ବାହ୍ନରେ କବି ପଦ୍ମଲୋଚନ ଦ□ଙ୍କ ଲିଖିତ ୩ଟି ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ଦାରୁ ଦେବତା', 'ମିଛ ମାୟା' ଓ 'କବିତାଞ୍ଜଳି' ଲୋକାର୍ପାଣ ଉତ୍ସବରେ ଅତିଥି ଓ ବକ୍ତାଭାବେ ଡ. ଭାଗବତ ପ୍ରସାଦ ଦାସ, ଡ. ରାଧାରଞ୍ଜନ ପଟ୍ଟନାୟକ ଓ କବି ଅଭୟ ଦାସ ଯୋଗଦେଇ ପୁସ୍ତକଗୁଡ଼ିକର ସମୀକ୍ଷା କରି ପରିଣତ ବୟସରେ ପଦ୍ମଲୋଚନ ଦ□ଙ୍କର ସାହିତ୍ୟ ମାନସିକତାକୁ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଆ ପୁସ୍ତକଗୁଡ଼ିକର ପାଠକ ସଂଖ୍ୟା ବୃଦ୍ଧି ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ । ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ଦାମୋଦର ନାୟକ ଅଧ୍ୟକ୍ଷତା କରିଥିଲେ ଓ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମ□ ଆହ୍ୱାନ କରିତ୍ଲେ । ଶ୍ରୀ ଦ□ ଲେଖକୀୟ ବକ୍ତବ୍ୟରେ କହିଥିଲେ ଯେ, ସମାଜରେ ଘଟୁଥିବା ଘଟଣା, ଦୁର୍ଘଟଣା ଓ ସମାଜରେ ମାନବିକ ମୂଲ୍ୟବୋଧ ହ୍ରାସ ପାଉଥିବାରୁ ସେ ତାଙ୍କ କବିତା ଓ ଗଳ୍ପଗୁଡ଼ିକରେ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ଚେଷ୍ଟା କରିଛନ୍ତି । ପୂର୍ବରୁ ପ୍ରକାଶ ପାଇଥିବା ୧୮ଟି ପୁସ୍ତକର ସେ ସୂଚନା ଦେଇଥିଲେ । ଶ୍ରୋତାମାନଙ୍କ ମଧ୍ୟରୁ ବେଣୁଧର ପାଳ, ବରେନ୍ଦ୍ର ନାଥ ସାହୁ, କୁମୁଦ ରଂଜନ ଗିରି, ପୁଷ୍ପଲତା ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ ଓ ଶରତ କୁମାର ବିଶ୍ୱାଳ ପ୍ରମୁଖ ଲେଖକ ଦ□ଙ୍କର ବିଭିନ୍ନ ସାମାଜିକ ସ ସାଂସ୍କୃତିକ ସଂଗଠନରେ ସକ୍ରିୟ ସହଯୋଗକୁ ପ୍ରଶଂସା କରି ତାଙ୍କର ଦୀର୍ଘଜୀବନ କାମନା କରିଥିଲେ । ପଣ୍ଡିତ ସଂଜୟ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




# ନୀଳମଣି କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ବାଲେଶ୍ୱର (ନି.ପ୍ର.): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଓ ଜାମଶୁଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମିଳିତ ଆନୁକୁଲ୍ୟରେ ଅଂଶଧନ ବଜାରରେ ଅସ୍ଥିରତା : କାରଣ, ପରିଣାମ ଓ ପ୍ରତିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ କୁମାର ପାଣି ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ । ଆଲୋଚନାଚକ୍ରରେ ଅଧ୍ୟାପକ ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର



ପାଲ ଓ ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ନୀଳଗିରି ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଶଙ୍କର୍ଷଣ ନାୟକ ଓ ମୁଖ୍ୟବକ୍ତା ଭାବେ ବରୁଣସିଂସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନର ଅଧ୍ୟକ୍ଷ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଅଂଶଧନ ବଜାରରେ ଅସ୍ଥିରତା; ଏହାର କାରଣ, ପରିଣାମ ଓ ପ୍ରତିକାର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ରଶ୍ମିତା ବେହେରା, ମାନସୀ ସ୍ୱାଇଁ, ବୀଣାପାଣି ଗିରି, ସେବତୀ ବର, ରାଜେନ୍ଦ୍ର ଦାସ, ଶାନ୍ତନୁ ବେହେରା ଓ ରଣଜିତ୍ ତପସ୍ୱୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅର୍ଥନୀତି ସମ୍ମାନ ବିଭାଗର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପକ ଲକ୍ଷୀରାମ ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓ୍ୱାର୍ଡେନଙ୍କ ଦୁର୍ବ୍ୟବହାର ଓ ଅନିୟମିତତା ନେଇ ସରକାରୀ ଆଇଟିଆଇ କଲେଜ ଛାତ୍ରୀଙ୍କ ବିକ୍ଷୋଭ

ବାଲେଶ୍ୱର,(ନି.ପ୍ର.) : ବାଲେଶ୍ୱର ସରକାରୀ ଆଇଟିଆଇ (ଓଡ଼ଓ) କଲେଜର ଛାତ୍ରୀମାନେ ହଷ୍ଟେଲ ଓ୍ୱାର୍ଡେନଙ୍କ ଦୁର୍ବ୍ୟବହାର ଓ ବିଭିନ୍ନ ଅନିୟମିତତାର ଅଭିଯୋଗ ଆଣି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଓ୍ୱାର୍ଡେନଙ୍କୁ ତୁରନ୍ତ ବଦଳାଇବା ସହ ପୂର୍ବରୁ ଆଦାୟ ହୋଇଥିବା ଟଙ୍କା ଫେରସ୍ତ କରିବାକୁ ଛାତ୍ରୀମାନେ ଦାବି କରିଛନ୍ତି ।ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲ ଓ୍ୱାର୍ଡେନ ଓ ତାଙ୍କ ସ୍ୱାମୀ ଛାତ୍ରୀମାନଙ୍କ ସହ ଅଭଦ୍ର



ବ୍ୟବହାର କରୁଥିବାବେଳେ ଅସୁସ୍ଥ ସମୟରେ ମଧ୍ୟ କଟୁ କଥା କହି ଅପମାନିତ କରୁଛନ୍ତି । ଏହାସହ ପୂର୍ବତନ ସୁପରି[ଣ୍ଡେ[ଙ୍କ ସମୟରେ ପ୍ରତି ଛାତ୍ରୀଙ୍କଠାରୁ ମେ[ନାନ୍ସ ନାମରେ ମାସିକ ୫୦ ଟଙ୍କାରୁ ଅଧିକ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି । ସେହି ଟଙ୍କା ଫେରସ୍ତ କରିବାକୁ ମଧ୍ୟ ଛାତ୍ରୀମାନେ ଦାବି କରିଛନ୍ତି ।ଅନ୍ୟପଟେ, କଲେଜ କର୍ତ୍ତୃପକ୍ଷ ଭଲ କାମ କରୁଥିବା ରୋଷେୟା ଓ ସୁପରି[ଣ୍ଡେ[ଙ୍କୁ ବଦଳାଇବାକୁ ଚେଷ୍ଟା କରୁଥିବାରୁ ଛାତ୍ରୀମାନେ ଏହାକୁ ମଧ୍ୟ ବିରୋଧ କରିଛନ୍ତି । ସମସ୍ୟାର ସମାଧାନ ନହେଲେ କ୍ଲାସ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏନେଇ ସରକାରୀ ଆଇଟିଆଇର ପ୍ରିନ୍ସିପାଲ ମହେନ୍ଦ୍ର କୁମାର ବେହେରା କହିଛନ୍ତି ଯେ, ଛାତ୍ରୀମାନଙ୍କ ସହ ଆଲୋଚନା କରାଯାଇଛି । ନୂଆ ଓ୍ୱାର୍ଡେନ ନିଯୁକ୍ତି ହେଉ ପର୍ଯ୍ୟନ୍ତ ପୁରୁଣା ବ୍ୟବସ୍ଥା ଚାଲିବ ଏବଂ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

# ଅପରାଧ ନିୟନ୍ତ୍ରଣ ପାଇଁ ବାଲେଶ୍ୱର ପୋଲିସର ନାଇଟ୍ ବ୍ଲକିଂ ଓ ପାଟ୍ରୋଲିଂ କଡ଼ାକଡ଼ି

ବାଲେଶ୍ୱର, (ନି.ପ୍ର.) : ବାଲେଶ୍ୱର ଅଂଚଳରେ ବଢୁଥିବା ଅପରାଧ ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ବାଲେଶ୍ୱର ପୋଲିସ ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ ବ୍ଲକିଂ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ଡିଜିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ରେଞ୍ଜରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଏହି ବ୍ୟବସ୍ଥାକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି ।କେବଳ ତଳସ୍ତରର କର୍ମଚାରୀମାନେ ନୁହେଁ, ବରଂ ଡିଆଇଜିଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଥାନା ଅଧିକାରୀମାନେ ନିଜେ ରାତି ସମୟରେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଡ୍ୟୁଟିର ତଦାରଖ କରୁଛନ୍ତି । ସହରର ପ୍ରବେଶ ପଥ



ଏବଂ ସମ୍ବେଦନଶୀଳ ଅଂଚଳଗୁଡ଼ିକରେ ନାକା ଚେକିଂ କରାଯାଇ ଗାଡ଼ିମୋଟର ଯାଂଚ କରାଯାଉଛି । ବାଲେଶ୍ୱର ସୀମାନ୍ତ ଜିଲ୍ଲା ହୋଇଥିବାରୁ ବାହାର ରାଜ୍ୟରୁ ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ବର୍ଡର ରୋଡ୍?ଗୁଡ଼ିକରେ ମଧ୍ୟ କଡ଼ା ନଜର ରଖାଯାଉଛି । ଗତ ୩ରୁ ୪ ମାସ ମଧ୍ୟରେ ପୋଲିସ ପ୍ରାୟ ୬୮ ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି ।ଏହା ସହ ରାତି ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତି ଏବଂ ଅଶାନ୍ତି ସୃଷ୍ଟି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ 'ଜିରୋ ଟୋଲରାନ୍ସ' ନୀତି ଆପଣାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ପୋଲିସ ପ୍ରଶାସନ କହିଛି ।

# ଏକ ଘଂଟାରେ ୫ ଗୁଣା ରିଟର୍ଣ୍ଣ' ଲୋଭ ଦେଖାଇ ଠକେଇ: ଠକ ଗ୍ୟାଙ୍ଗକୁ ଠାବ କରିବାକୁ ଦାବି,

ବାଲେଶ୍ୱର, (ନି.ପ୍ର.) 'ଦୀପକ ଓ୍ୱାଧଓ୍ୱା ଅଫିସିଆଲ୍ ଟ୍ରେଡିଂ' ନାମରେ ଏକ ଆକାଉ[୍ ଖୋଲି ଦେଶର ବିଭିନ୍ନ ରାଜ୍ୟରେ ଅନଲାଇନ ଟ୍ରେଡିଂ ନାଁରେ ବ୍ୟାପକ ଠକେଇ ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି । ବିଜୟ କୁମାର ସଖାରାମ ପାଟିଲଙ୍କ ସମେତ ଆଉ ୬ ଜଣ ଏହି ଠକେଇ ଗ୍ୟାଙ୍ଗକୁ ପରିଚାଳନା କରୁଥିବା ଅଭିଯୋଗ ହୋଇଛି । ପ୍ରତିଦିନ ଲକ୍ଷାଧିକ ଲୋକ ଏହି ଠକେଇର ଶିକାର ହେଉଥିବା କୁହାଯାଉଛି ।



ସୂଚନା ଅନୁସାରେ, ଦୀପକ ଓ୍ୱାଧଓ୍ୱା ଓ ବିଜୟ ପ୍ରଥମେ ସୋସିଆଲ ମିଡିଆରେ ଗ୍ରୁପ୍ ଖୋଲି ଲୋକଙ୍କୁ ଆକର୍ଷଣୀୟ ନିବେଶ ଯୋଜନାର ଲୋଭ ଦେଖାଉଥିଲେ । ମାତ୍ର ଏକ ଘ[ାରେ ଜମା ଟଙ୍କାର ପାଂଚ ଗୁଣା ରାଶି ଫେରସ୍ତ ମିଳିବ ବୋଲି ଦାବି କରାଯାଉଥିଲା । ଅର୍ଥାତ୍ ୨ ହଜାର ଟଙ୍କା ଦେଲେ ୧୦ ହଜାର, ୫ ହଜାର ଦେଲେ ୨୫ ହଜାର, ୮ ହଜାର ଦେଲେ ୩୫ ହଜାର, ୧୦ ହଜାର ଦେଲେ ୪୫ ହଜାର ଓ ୨୦ ହଜାର ଦେଲେ ୬୫ ହଜାର ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା ।'ଇନଭେଷ୍ଟରନ୍' ନାମରେ ବିଶେଷ ଯୋଜନା ମଧ୍ୟ ଚାଲିଥିଲା । ଏଥିରେ ୨୫ ହଜାର ଟଙ୍କା ନିବେଶ କଲେ ଏକ ଘ[ାରେ ୮୫ ହଜାର ଓ ୫୦ ହଜାର ଟଙ୍କା ନିବେଶ କଲେ ୧ ଲକ୍ଷ ଟଙ୍କା ମିଳିବ ବୋଲି କୁହାଯାଉଥିଲା ।ଅଭିଯୋଗ ଅନୁଯାୟୀ, ପ୍ରଥମେ କେହି ୨ ହଜାର ଟଙ୍କା ପଠାଇବା ପରେ ଏକ ଘ[ା ଅପେକ୍ଷା କଲେ ତାଙ୍କୁ ଦୁଇ ମିନିଟ୍? ମଧ୍ୟରେ ଟଙ୍କା ପଠାଯିବ ବୋଲି ମେସେଜ୍ ଆସୁଥିଲା । ଏଥି ସହିତ ଫେକ୍ ପ୍ରୋସେସିଂର ସ୍କ୍ରିନସଟ୍ ମଧ୍ୟ ପଠାଇ ବିଶ୍ୱାସ ଜିତିବାକୁ ଚେଷ୍ଟା କରାଯାଉଥିଲା । କିଛି ସମୟ ପରେ ପୁଣି ଏଖ ମେସେଜରେ ୧୩,୧୯୯ ଟଙ୍କା ପାଇବା ପାଇଁ ୩,୧୯୯ ଟଙ୍କା 'ଓ୍ୱିଥଡ୍ରଲ ଚାର୍ଜ' ଭାବେ ପଠାଇବାକୁ କୁହାଯାଉଥିଲା । ଏହି ଲୋଭରେ ପଡି ଅନେକ ଲୋକ ଅଧିକ ଟଙ୍କା ମଧ୍ୟ ପଠାଇଥିଲେ । କିନ୍ତୁ ଟଙ୍କା ମିଳିବା ପରିବର୍ତ୍ତେ 'ଲୋ ବାଲାନ୍ସ' କାରଣରୁ ଟ୍ରାଞ୍ଜାକ୍ସନ ଫେଲ୍ ହୋଇଛି ବୋଲି କୁହା ଯାଉଥିଲା । ପରେ ୩୫ ହଜାର କିମ୍ବା ତାଠାରୁ ଅଧିକ ଟଙ୍କା ପାଇବା ନାଁରେ ପୁଣି ୬,୨୦୦ ଟଙ୍କା ପଠାଇବାକୁ ଦାବି କରାଯାଉଥିଲା । ଏଭଳି ଭାବେ ଦାବି ହେଉଥିବା ଟଙ୍କା ୬୫ ହଜାର କିମ୍ବା ତାଠାରୁ ଅଧିକକୁ ବଢ଼ି ଯାଉଥିଲା । ଲୋକମାନେ ଠକେଇ ହେଉଥିବା ବୁଝିବା ବେଳକୁ ସେମାନେ ବହୁ ଟଙ୍କା ହରାଇ ସାରିଥିଲେ । ଏହି କଥିତ ଠକ ଗ୍ୟାଙ୍ଗକୁ ଶୀଘ୍ର ଠାବ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରୁ ଜୋରଦାର ଦାବି ଉଠିଛି ।

# ନିଶା ନିବାରଣ କ୍ଷେତ୍ରରେ ତାମିଲନାଡୁ ଆଗରେ - ଓଡ଼ିଶା ପଛରେ

ବାଲେଶ୍ୱର,(ନି.ପ୍ର.) ମସିହାରେ ନିଶା ନିବାରଣ ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି । କିନ୍ତୁ ସର୍ବଦା ସାଧାରଣ ଜନତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି । ଏହାକୁ ସବୁଠାରୁ ବଡ଼ ରାଜସ୍ୱର ଉତ୍ସ ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ଭିନ୍ନ ଦୃଷ୍ଟିରୁ ଦେଖିଲେ ଏହି ମଦ ଦୋକାନର ରାଜସ୍ୱ ବୃଦ୍ଧି ସାମାଜିକ ସ୍ତରରେ ବହୁତ କ୍ଷତି ଘଟାଇ ଚାଲିଛି, ଯେପରି ଦୁର୍ଘଟଣା, ପାରିବାରିକ ହିଂସା ତଥା ଯୌନ ନିର୍ଯ୍ୟାତନା । ସବୁବେଳେ ମହିଳା ଓ ଶିଶୁଟିଏ ଏହି 'ନିଶା'ର ଶୀକାର ହୋଇଥାଏ । ଏପରିକି ଆଜି ମଧ୍ୟ ଓଡ଼ିଶାର ଏକ ନିଶାସକ୍ତ ପିତା ନିଶାସେବନ ପାଇଁ ନିଜର ପୁତ୍ରସନ୍ତାନକୁ ମାତ୍ର ତିରିଶ ହଜାର ଟଙ୍କାରେ ବିକ୍ରି କରିଦେବା ନଜରକୁ ଆସିଛି । ଆମ ଦେଶରେ ମଦ ଦୋକାନ ବନ୍ଦ କରିବାପାଇଁ ପ୍ରଥମ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କର ନିଷ୍ପ□ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେ ଧର୍ମାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ମାର୍କେଟ୍, ବସ୍‌ଷ୍ଟାଣ୍ଡ୍‌ର ୫୦୦ ମିଟର ନିକଟରେ ୭୧୭ଟି ମଦଦୋକାନକୁ ବନ୍ଦ କରିବା ସମଗ୍ର ଭାରତବର୍ଷ ପାଇଁ ଉଦାହରଣୀୟ । ଓଡ଼ିଶା ସରକାର ରାଜ୍ୟକୁ ମଦମୁକ୍ତ କରିବାକୁ ଦେଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି । ଏଣୁ ଏ ପରିପ୍ରେକ୍ଷୀରେ ତାମିଲନାଡୁଠାରୁ ଓଡ଼ିଶା କିଛି ଶିଖିବାର ଆବଶ୍ୟକତା ଅଛି । ତେଣୁ ଏବେର ଓଡ଼ିଶା ସରକାର ସାମାଜିକ ଶୃଙ୍ଖଳା ଏବଂ ମହିଳା ଓ ଶିଶୁମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର (ମନା)ର ସଦସ୍ୟ-ସଦସ୍ୟା ସର୍ବଶ୍ରୀ ସଭାପତି ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଡ. ଲକ୍ଷ୍ମଣ ବିଶ୍ୱାଳ, ବେଣୁଧର ସାହୁ, ସଞ୍ଜୟ ପଣ୍ଡା, ସୁଶ୍ରୀ ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ତ୍ରିଦିବ ନାୟକ, ପ୍ରଫୁଲ୍ଲ କୁମାର ଦାସ, ସମରେନ୍ଦ୍ର ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ।

# ଗରିବ ଆଦିବାସୀଙ୍କ ପାଇଁ ତହସିଲ ଅଫିସ୍ ଘେରାଇ ୨୫ରେ

ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱର ସଦର ତହସିଲ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଗରୀବ, ଭୂମିହୀନ ଅନୁସୂଚିତ ଜାତି ଓ ଜନଜାତି ପରିବାରମାନଙ୍କୁ ସ୍ଥାୟୀ ଜମିପଟ୍ଟା ଜାତିଗତ ପ୍ରମାଣପତ୍ର ଦାବିରେ ଆସନ୍ତା ୨୫ ମଇ ୨୦୨୬ ତାରିଖରେ ସଦର ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କଂଗ୍ରେସ ଦଳର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ବିଧାନ ଜେନାଙ୍କ ନେତୃତ୍ୱରେ ଧାରଣା ଦିଆଯିବ ।

# ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଚିତରଂଜନ ସାହୁଙ୍କ ସ୍ମୃତି ଚାରଣ ସଭା

ବାଲେଶ୍ୱର, (ନି.ପ୍ର.) ୧୩ ତାରିଖ ପୂର୍ବାହ୍ନରେ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ବାଲେଶ୍ୱର ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସ୍ୱର୍ଗତ ଚିତରଂଜନ ସାହୁଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତର ଓଡ଼ିଶାର ମୁଖ୍ୟ ତଥା ସମାଜର ବାର୍ତା ସମ୍ପାଦକ କୁଳମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବାରର ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନି



ଓ ସାଗରିକାର ସମ୍ପାଦକ ସୃଷ୍ଟିଧର ପରିଡ଼ା , ପ୍ରେସ ଇମ୍ପ୍ରେସନର ସଭାପତି ଉଜ୍ୱଳ ଚନ୍ଦ୍ର କର ପ୍ରମୁଖ ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଗଗନ ସେଠୀଙ୍କ ସମେତ ଭଗବାନ ଚନ୍ଦ୍ର ଦାସ, ପ୍ରଦୀପ କୁମାର ବେରା, ତପନ କୁମାର ଦାସ, ପ୍ରଜ୍ଞା ରଂଜନ ଦାସ, ପ୍ରଦୀପ ସ, ଗୟାଧର କର, ପୂର୍ଣ୍ଣଚନ୍ଦ୍ର ବେହେରା,ପ୍ରାଣବନ୍ଧୁ ଦାସ, ଜ୍ଞାନେଶ୍ୱର ରାଉତ, ଅମର ଦାସ ମହାପାତ୍ର, ତ୍ରିଲୋଚନ ଉପାଧ୍ୟାୟ, ସୁଦୀପ୍ତ ମହାନ୍ତି, ରତୀପ୍ତ ମହାନ୍ତି, ସୁବ୍ରତ ଦାସ, ହ୍ରୀତିକ ନାୟକ, ପ୍ରସନ୍ନ ଜିତ୍ ଆଶ, ମନୋଜ ବିଶ୍ୱାଳ, ଅଭୟ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚିତରଂଜନ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ଶେଷରେ ଭଗବାନ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।



ଜିଲ୍ଲାସ୍ତରୀୟ ବାସଗୃହ ଭିତିକ କ୍ଷମତା ବିକାଶ ଓ ବଜାର ସଚେତନତା କର୍ମଶାଳାରେ ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ନିଜର ବକ୍ତବ୍ୟ ରଖୁଛନ୍ତି । (ଫଟୋ-ଦେବବ୍ରତ)





# ସର୍ଦ୍ଦାର ବଲ୍ଲଭ ଭାଇପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିତ



ନୟାଗଡ଼(ନିପ୍ର): ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ଅବସରରେ ୧୩ ମେ ୨୦୨୬ ତାରିଖରେ ନୟାଗଡ଼ ଜିଲ୍ଲାରେ ସାଇକ୍ଲୋଥନ ଓ ମାରାଥନ ରାଲିର ଆୟୋଜନ କରାଯାଇ ଥିଲା । ଏହି ସାଇକ୍ଲୋଥନ ଓ ମାରାଥନ ରାଲିକୁ ସକାଳ ୭.୦୦ଟାରେ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ, ନୟାଗଡ ଏବଂ ଇଂ ଦେବାଶିଷ ପଟ୍ଟନାୟକ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ, ନୟାଗଡ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ମାରାଥନଟି ନୟାଗଡ଼ ଷ୍ଟାଡିୟମରୁ ଆରମ୍ଭ ହୋଇ ପିଟିଏସ୍ ରୋଡ୍ ମାର୍ଗରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମକୁ ଫେରିଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରିଣୀ ସୁଜାତା କୁମାରୀ ସାହୁଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜନ କରାଯାଇଥିଲା । ଶେଷରେ ସେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଗ୍ରାମେ ଗ୍ରାମେ ଶ୍ରୀଜଗନ୍ନାଥ କଥା କାର୍ଯ୍ୟକ୍ରମ



କଟକ(ନିପ୍ର): ଶ୍ରୀଜଗନ୍ନାଥ ଭକ୍ତ ସମାଜ, ପୁରୀ ଓ କାଠଯୋଡୀ ମହିଳା ସମିତି ଆନୁକୂଲ୍ୟରେ ନେତାଜୀ ନଗର କଟକ ଠାରେ ଗ୍ରାମେ ଗ୍ରାମେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ମହିଳା ସମିତିର କାର୍ଯ୍ୟକାରି ସଭାପତି ଶ୍ରୀମତୀ ପ୍ରମିଳା ପ୍ରତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ମଙ୍ଗଳା ଚରଣ ପାଠ କରାଯାଇଥିଲା । ସମିତି ତରଫରୁ ଅତିଥିମାନଙ୍କୁ ଉତରୀୟ ପୁଷ୍ପ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ବକ୍ତା ଭାବେ ଭକ୍ତ ସମାଜର ଉପ ସଭାପତି ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ମହାପ୍ରଭୁଙ୍କ ମାନବିୟ ଲୀଳା ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ବକ୍ତା ଭାବେ ଶ୍ରୀଯୁକ୍ତ ସୁଧିର କୁମାର ସାହାଣି ଯୋଗ ଦେଇ ଶ୍ରୀମନ୍ଦିର ବେଢ଼ାରେ ଥିବା ଦେବତା ମାନଙ୍କର ଦର୍ଶନ ପଦ୍ଧତି ସଂପର୍କରେ ଆଲୋଚନା କରିଥିଲେ । ଭକ୍ତ ସମାଜର ସଂପାଦକ ଡ. ଶଶିକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହିଳା ସମିତିର ସଂପାଦିକା ଶ୍ରୀମତୀ ସରୋଜିନୀ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସୁରେଶ କୁମାର ଚୌଧୁରୀ ଜଗନ୍ନାଥ ଭଜନ ଗାନ କରିଥିଲେ । ଏଥିରେ ସମିତିର ଉପଦେଷ୍ଟା କବିତା ମିଶ୍ରଙ୍କ ସହ କାଠଯୋଡୀ ମହିଳା ସମିତିର ବହୁ ସଂଖ୍ୟକ ସଦସ୍ୟା ଯୋଗ ଦେଇଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟର ଅଲଟ୍ରା ସାଉଣ୍ଡ ଚାଲୁ ହେବାରେ ବିଳମ୍ବ

କନ୍ଧମାଳ(ନିପ୍ର): ଜିଲ୍ଲାର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ମଧ୍ୟରେ ସମନ୍ୱୟ ନାହିଁ କହିଲେ ଚଳେ । IRE, ଛତ୍ର ପୁର ପ୍ରବଳ ଅଲଟ୍ରା ସାଉଣ୍ଡ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଅନ୍ୟପକ୍ଷରେ ଘରୋଇ ହସ୍ପିଟାଲ ଦ୍ୱାରା ପରିଚାଳିତ ଅଲଟ୍ରା ସାଉଣ୍ଡ କୁ ବନ୍ଦ କରିବାକୁ ଚକ୍ରାନ୍ତ ଚାଲିଛି । ଏଭଳି ଅବସ୍ଥା ରେ ସ୍ୱାସ୍ଥ୍ୟ ସେବା ଉପରେ ଏକ ଆଲୋଚନା ଚକ୍ର ଆୟୋଜନ ପାଇଁ ନିଷ୍ପତି ନିଆଯାଉ । ସେଥିରେ ବକ୍ତା ମାନେ ନିଜ ନିଜ ବକ୍ତବ୍ୟ ରଖିବାକୁ ସୁଯୋଗ ଦିଆଯାଉ । ଏହି ପରି ସ୍ଥଳ ରେ ପୂର୍ବ ତନ ଜିଲ୍ଲା ସ୍ୱାସ୍ଥ୍ୟ ସେବା ଅଧିକାରି ଜିଲ୍ଲାର ସ୍ୱସ୍ଥ୍ୟସମସ୍ୟା ଉପରେ ଦୃଷ୍ଟି କୁ ନେଇ ଯଉଁ ଜରୁରୀ ସେବା ଉପରେ ଗୁରୁତ୍ୱ ଦେଇ ବେସରକାରୀ ଭାବରେ ଖୁସି କୟେର ହସ୍ପିଟାଲ କୁ ଅନୁମତି ଦେବା ନିମନ୍ତେ ସରକାରୀ ନିୟମ ଅନୁସାରେ ଅନୁମତି ପ୍ରଦାନପରେ ଏକ ଅଲଟ୍ରା ସାଉଣ୍ଡ ମଧ୍ୟସ୍ଥାପନ ହେବା ପରେ ସପ୍ତାହ ରେ ଶନି ବାର ଓ ରବିବାର ଚାଲୁ ହୋଇଥିବା ବେଳେ କିଛି ବିଭାଗୀୟ ଅଧିକାରୀ ମାନଙ୍କ କୋପ ଦୃଷ୍ଟି ଯୋଗୁ ବେସରକାରୀ ଅନୁଷ୍ଠାନ ରେ ଚାଲୁ ରହି ଥିବା ଅଲଟ୍ରା ସାଉଣ୍ଡ ବର୍ତମାନ ବନ୍ଦ ରହି ଥିବା ଯୋଗୁ ଜନସାଧାରଣ ଆସୁନ୍ତଷ୍ଟ ପ୍ରକାଶ ପାଇବାରେ ଲାଗିଛି ।


## ଖଡ଼ଗପୁର ଡିଭିଜନରେ କ୍ୟାଟରିଂ ୟୁନିଟ୍ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍

**ଇ-ନିଲାମ ନୋଟିସ୍ ନମ୍ବର:କେଜିପି/ସିଏଟିଜି/୨୦୨୬ ତା:୧୨.୦୫.୨୦୨୬**

ପ୍ରେସିଡେଂଟ୍, ୟୁନିଅନ୍ ଅଫ୍ ଇଣ୍ଡିଆ, ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର ଡିଭିଜନ୍, ଦକ୍ଷିଣ ଇଷ୍ଟାମ ରେଳବାଇ, ଖଡ଼ଗପୁର (୨ ନମ୍ବର), ହାଉର (୧ ନମ୍ବର), ଆଣ୍ଡୁଲ (୧ ନମ୍ବର), କୋଲାଘାଟ (୧ ନମ୍ବର), ଅବୀର (୧ ନମ୍ବର) ଗିରିମୈଦାନ(୧ ନମ୍ବର), କାଂଟି (୧ ନମ୍ବର), ଚାକୁଲିଆ (୧ ନମ୍ବର), ମାର୍କୋନ୍ (୧ ନମ୍ବର), ରୂପସା (୧ ନମ୍ବର), ହାଣ୍ଡିପଡା (୧ ନମ୍ବର), ବେତନୋଲି (୧ ନମ୍ବର) ରେ କ୍ୟାଟରିଂ ୟୁନିଟା ପ୍ରଦାନ ପାଇଁ ଇ-ନିଲାମ ତାଲିକା । ଦେଶପ୍ରାନ୍ (୨ ନଂ ।), ଧାଲଭୂଗର୍ଗ (୧ ନମ୍ବର), ବାହାନାଗା ବଜାର (୨ ନମ୍ବର), କୋକପାରା (୧ ନମ୍ବର), ଗିଦ୍ଧି (୧ ନମ୍ବର), ରାମନଗର ବେଙ୍ଗାଲୁରୁ (୨ ନମ୍ବର ବାଖରାବାଦ), ରାଧା ମାଇନ୍ସ (୧ ନମ୍ବର), ବସ୍ତା (୧ମ୍ବର ), ଅମରଡା ରୋଡ୍ (୧ ନମ୍ବର), ବରିପଡା (୧ ନମ୍ବର), ଜଲେଶ୍ୱର (୨ ନମ୍ବର) ଏବଂ ଖରାଗପୁର ବିଭାଗ ଉପରେ ସୋରୋ (୧ ନମ୍ବର) ରେଳ ଷ୍ଟେସନ ୦୫ (ପାଂଚ) ବର୍ଷର ଭିଡିଓ କ୍ୟାଟାଲଗ୍ ନଂ: ସିଏଟିଜି-କେଜିପି-୨୬-ଏ, ନିଲାମ କ୍ୟାଟରିଂ ୟୁନିଟ୍ ଅଲ ଠାକୁରୋଟା (୧ ନମ୍ବର), ରାଜଲୁକା (୧ ନମ୍ବର), କୁଚାଇ (୧ ନମ୍ବର), ଜୁଗୁରା (୧ ନମ୍ବର), ବୁରାମରା (୧ ନମ୍ବର), ଜାମସୋଲ (୧ ନମ୍ବର), ବାଦଲପୁର (୧ ନମ୍ବର), କୃଷ୍ଣଚନ୍ଦ୍ରପୁର (୧ ନମ୍ବର) ମାଟାଙ୍ଗିନି (୧ ନମ୍ବର), ଦାନ୍ତନ୍ (୧ ନଂ ।) ନେକୁର୍ସେନି (୧ନମ୍ବର), ଆଶାପୁର୍ଣ୍ଣ ଦେବୀ (୧ ନମ୍ବର), ଜଲେଶ୍ୱର (ଘକ୍ଟ. ନମ୍ବର) । ଖଟକୁରା (୧ ନମ୍ବର), ରଣିତାଲ (୧ ନମ୍ବର), ହେନ୍ରିଆ (୧ ନମ୍ବର), ଭଞ୍ଜପୁର (୧ ନମ୍ବର), ସୀତାଲପୁର ବଙ୍ଗଳା (୧ ନମ୍ବର), ଜୋଗଲ (୧ ନମ୍ବର), ନାଚିଣ୍ଡା (୧ ନମ୍ବର), ଲକ୍ଷ୍ମଣନାଥ ରୋଡ (୧ ନମ୍ବର), ବାନ୍ଦରୋସି (୧ ନମ୍ବର) । **https://www.ireps.gov.in/** ୱେବସାଇଟ୍ । ଏଜେନ୍ସି କ୍ୟାଟରିଂ କଂଟ୍ରାକ୍ଟର ଏହାକୁ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ୍ ବିଷୟରେ ବିବରଣୀ ଏବଂ ସମ୍ପର୍କିତ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ / ସ୍ପଷ୍ଟୀକରଣ ଥାଏ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-164) **ବରିଷ୍ଠ ମଣ୍ଡଳୀୟ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*


# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ




ଯାଜପୁର(ନିପ୍ର): ଯାଜପୁର ବ୍ଲକ ବିଚିତ୍ରପୁର କଲ୍ୟାଣ ମଣ୍ଡପରେ ଓଡିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ନର୍ସିଙ୍ଗ ଡ଼େ ପାଳିତ ହୋଇଯାଇଛି । ଏହି ଆନୁକୁଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟର ଏଡିପିଏଚଓ ଡ ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରତ୍ୟେକ ନର୍ସିଙ୍ଗ ଅଫିସର ମାନେ ଜଣେ ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ । ନର୍ସିଂ ସଂଘର ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ମେଡ଼ିସିନ ବିଭାଗ ର ମୁଖ୍ୟ ଡ଼ ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ ଯୋଗ ଦେଇ ସମସ୍ତ ନର୍ସିଙ୍ଗ ଅଫିସର ମାନଙ୍କୁ ଉତ୍ସାହିତ କରିବା ସହ ରୋଗୀ ସୁସ୍ଥ ହେବା କ୍ଷେତ୍ର ରେ ନର୍ସିଙ୍ଗ ଅଫିସର ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ସଂଘର ସାଧାରଣ ସମ୍ପାଦକ ଅମର କୁମାର ମଲ୍ଲିକ, ଉପ ସଭାପତି ଶୁଭ୍ରାଂଶୁ ଶେଖର ନନ୍ଦ, କୋଷାଧ୍ୟକ୍ଷ ଜୁଲିପ୍ରଭା ଜେନା, ନର୍ସିଙ୍ଗ ଅଫିସର ରଘୁନାଥ ସାହୁ, ମୋନାଲିସା ଭୂୟାଁ, ଶୁଭଶ୍ରୀ ରଥ, ସିଦ୍ଧାନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ସେବିକା ଅଳକା ନାୟକ ଓ ମମତା ମହାନ୍ତି ଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରିଶେଷ ରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବ୍ଲକସ୍ତରୀୟ ମହିଳା ଆଇନ ସଚେତନ ଶିବିର ଅନୁଷ୍ଠିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ତରୀୟ ଆଇନ ସଚେତନ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ବିଭାଗ ଆୟୋଜନ କରିଥିବା ବେଳେ ମହିଳା ମାନେ ନିଜ ଅଧିକାର କୁ ହାସଲ କରିବାକୁ ହେଲେ ଆଇନ ଉପରେ ସଚେତନ ହେବା ନିତାନ୍ତ ଜରୁରୀ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ । ସରକାର ପକ୍ଷ ରୁ ମହିଳା ସୁରକ୍ଷା ଏବଂ ଅଧିକାର ପ୍ରଦାନ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମହିଳା ସୁଭଦ୍ରା ଶକ୍ତି, ବେଟୀ ପଢ଼ାଓ ବେଟୀ ବଢାଓ, ନାରୀ ଶକ୍ତି ବନ୍ଦନ ଯୋଜନା, ବାଳିକା ସମୃଦ୍ଧ ଯୋଜନା, ଅର୍ଦ୍ଧି ଅନେକ କାର୍ଯ୍ୟକ୍ରମ ଚାଲିଅଛି । ବିଶେଷ କରି ଆଶା ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସହୁଭୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଯୋଗ ଦେଇ ମହିଳାଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସଚେତନ ଦ୍ୱାରା ତାର ସୁଫଳ ନେବା ସହଜ ହୋଇଥାଏ ବୋଲି କହିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଏସ ଗୀତା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ମଞ୍ଜୁ ଶୁକ୍ଳା, ଜିଲ୍ଲା ମିଶନ ସଂଯୋଜକ ଆଶିଷ ଯୋଗ ।

## ମୁଖ୍ୟ ଚିକିତ୍ସାଳୟରେ ପହଂଚିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଯାଜପୁର(ନିପ୍ର): ବିଶାକ୍ତ ଦହିବରା ଖାଇ ୫୦ରୁ ଉର୍ଦ୍ଧ୍ୱ ଲୋକ ଅସୁସ୍ଥ ହେବା ଘଟଣା । ମୁଖ୍ୟ ଚିକିତ୍ସାଳୟରେ ପହଂଚିଲେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଦହିବରା ଖାଇ ଅସୁସ୍ଥ ଥିବା ରୋଗୀଙ୍କୁ ଭେଟିବା ସହିତ ସ୍ଥିତି ର ସମୀକ୍ଷା କଲେ । ସାଂସଦ ଡଃ. ରବୀନ୍ଦ୍ର ନାରାୟଣ ବେହେରା, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପୁଷ୍ପିତା ମହାନ୍ତି, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର ଉପସ୍ଥିତ ରହି ଆକ୍ରାନ୍ତଙ୍କ ସ୍ଥିତି କିଭଳି ରହିଛି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

# ଜବର ଦଖଲ ହଟାଇବା ପାଇଁ ଅଂଟା ଭିଡ଼ିଲେ ଗ୍ରାମର ମହିଳା

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ଗ୍ରାମପଂଚାୟତର ଯୁଗଡିଆ ଗ୍ରାମରେ ଥିବା ୭୦ ବର୍ଷର ପୁରୁଣା ଶ୍ୟାମା କଳାବିକାଶ କେନ୍ଦ୍ରର ଗୃହକୁ ଜବର ଦଖଲ ହଟାଇବା ପାଇଁ ଶନିବାର ସନ୍ଧ୍ୟାରେ ଗ୍ରାମର ଶତାଧିକ ମହିଳା ଏକ ହୋଇ କଳାବିକାଶ କେନ୍ଦ୍ର ସମ୍ମୁଖରେ ସମାବେଶ କରିଥିଲେ ।ସମାବେଶ ପରେ କଳା ବିକାଶ କେନ୍ଦ୍ରର ଗୃହରେ ଭଡ଼ା ସୂତ୍ରରେ ଥିବା ପରିବାରକୁ ୭ ଦିନ ମଧ୍ୟରେ ଗୃହ ଛାଡିବାକୁ ତାଗିଦ କରିଥିଲେ ।ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୃହ ଖାଲି ନକଲେ ମହିଳା ମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନା ମୁତାବକ ଯୁଗଡିହା ଶ୍ୟାମା କଳାବିକାଶ କେନ୍ଦ୍ର ଘରକୁ ଗ୍ରାମର ମୁଷ୍ଟିମେୟ ଲୋକ ଜବରଦଖଲ କରି ଅନ୍ୟ ଲୋକଙ୍କୁ ଭଡ଼ା ସୂତ୍ରରେ ଦେଇ ଅର୍ଥ ଉପାର୍ଜନ କରୁଛନ୍ତି । ଏହି କଳାବିକାଶ କେନ୍ଦ୍ର ୭୦ ବର୍ଷ ପୂର୍ବରୁ ଆମ୍ବଚୁଆ ହାଟ ପରିସର ରେ ସ୍ଥାପନ କରାଯାଇ ସ୍ଥାନୀୟ ପିଲା ମାନଙ୍କୁ ବିଭିନ୍ନ ପ୍ରକାର କଳାକୃତି ନୃତ୍ୟ ସଙ୍ଗୀତ, ତବଲା, ମୃଦଙ୍ଗ, ବେହେଲା, ବଂଶୀ ଆଦି ବାଦ୍ୟ ଯନ୍ତ୍ରର ଶିକ୍ଷା ପ୍ରଦାନ କରାଯାଉଥିଲା । ଏଥିରୁ ଉପାର୍ଜିତ ଅର୍ଥ ଗ୍ରାମର ସାର୍ବଜନିକ କାର୍ଯ୍ୟରେ ବ୍ୟବହୃତ ହେଉଥିଲା ।ମାତ୍ର କାଳକ୍ରମେ ଏହି ଘରକୁ ଜଣେ ମୁଷ୍ଟିମେୟ ଲୋକ ନିଜ କବଜାକୁ ନେଇ ଅନ୍ୟ ଲୋକଙ୍କୁ ଭଡ଼ା ଦେଇଆସୁଛନ୍ତି । ଏବେ ଗ୍ରାମର ମହିଳା ମାନେ ଏକାଠି ହୋଇ ଏହି ଗୃହକୁ ଜବର ଦଖଲ ହଟାଇ ଉକ୍ତ ସ୍ଥାନରେ ତାଙ୍କର ପୂର୍ବ ପୁରୁଷରୁ ଅସ୍ଥାୟୀ ଚାଳିରେ ପୂଜା ପାଇ ଆସୁଥିବା ରାଧା କୃଷ୍ଣଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ସିଦ୍ଧନ୍ତା ନେଇଛନ୍ତି ।

# ରବି ଧାନ ଫସଲ କ୍ଷତିପୂରଣ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ଜଳ ସତ୍ୟାଗ୍ରହ



ନୂଆପଡ଼ା(ନିପ୍ର): ନୂଆପଡା: କଂଗ୍ରେସ ପକ୍ଷରୁ ଜଳ ସତ୍ୟାଗ୍ରହ । ରବି ଫସଲ କ୍ଷତିପୂରଣ ଦାବିରେ ଏଭଳି ନିଆରା ଆନ୍ଦୋଳନ କରିଛନ୍ତି କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀ । ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ମଙ୍ଗଳବାର ଚାଷୀଙ୍କ ଲାଇଫ ଲାଇନ କୁହା ଯାଉଥିବା ନୂଆପଡା ଜିଲ୍ଲା ପତୋରା ଡ୍ୟାମ ପାଣି ଭିତରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି । ଶତାଧିକ କଂଗ୍ରେସ ନେତା ଏବଂ କର୍ମୀଙ୍କ ସମେତ ରବି ଧାନ ଫସଲ କ୍ଷତିଗ୍ରସ୍ତ ଚାଷୀ ସମୂହ ମିଶି ଜଳ ସତ୍ୟାଗ୍ରହ ଆନ୍ଦୋଳନକୁ ତୀବ୍ରତର କରିଛନ୍ତି । ତୁରନ୍ତ ରବି ଧାନ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପ୍ରତି ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା, କେସିସି ଋଣ ଛାଡ଼ କରିବା, ଆସନ୍ତା ଖରିଫ ଫସଲ ପାଇଁ ବିହନ ସାର ମାଗଣାରେ ଯୋଗାଇ ଦେବା ସହିତ ଉଚ୍ଚସ୍ତରୀୟ ତଦନ୍ତ କରି ନୂଆପଡା ଜିଲ୍ଲାପାଳ, ପାତୋରା ଡ୍ୟାମ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅତିରିକ୍ତ ନିର୍ମାଣ ଯନ୍ତ୍ରୀ, ଏସଡିଓ ସମସ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ ଦାବି କରିଛି । ଯଦି ଏହିସବୁ ଦାବି ପୂରଣ ନହୁଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ଜଳ ସତ୍ୟାଗ୍ରହୀ କଂଗ୍ରେସ ନେତା ଏବଂ କର୍ମୀ ଚେତାବନୀ ଦେଇଛନ୍ତି । ନୂଆପଡା ଜିଲ୍ଲାର ଚାଷୀଙ୍କ ଲାଇଫଲାଇନ କୁହାଯାଉଥିବା ପତୋରା ଡ୍ୟାମ ଜଳ ଆବଂଟନରେ ବ୍ୟାପକ ତୃଟି ଘଟିଛି । ଫଳରେ ତଳ ମୁଣ୍ଡରେ ରବି ଧାନ ଫସଲ କରିଥିବା ୧୧ ଗୋଟି ଗ୍ରାମ ପଂଚାୟତର ୫୭ ଗୋଟି ଛୋଟବଡ଼ ଗାଁର ପ୍ରାୟ ୪ ହଜାର ହେକ୍ଟର ରବି ଧାନ ଫସଲ ପାଣି ଅଭାବରୁ ଉଜୁଡି ଯାଇଛି । ଯାହାର ଆନୁମାନିକ ଫସଲ ମୂଲ୍ୟ ୫୦୦ କୋଟିରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି । ପତୋରା ଡ୍ୟାମ ପାଣିରେ ଚଳିତ ୨୦୨୬ ରବି ଧାନ ଫସଲ କରିବାକୁ ନୂଆପଡା ଜ଼ିଲ୍ଲା ପ୍ରଶାସନ ଚାଷୀଙ୍କୁ ଅନୁମତି ଦେଇଥିଲା । ଫଳରେ ଚାଷୀ କୂଳ ଉତ୍ସାହିତ ହୋଇ ଜମି ପ୍ରସ୍ତୁତ କରି ଧାନ ଫସଲ କରି ରୁଆ ବେଉଷଣ ସାରି ସୁନାର ଫସଲ ଅମଳ କରିବା ଆଶା ରଖିଥିଲେ । ହେଲେ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଚାଷୀ ମନୁଷ୍ୟକୃତ କୃତ୍ରିମ ମରୁଡିର ଶିକାର ହୋଇଛି । ଫଳରେ ପ୍ରାୟ ୪ ହଜାର ହେକ୍ଟର ରବିଧାନ ଫସଲ ନଷ୍ଟ ହୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫସଲ କ୍ଷତି ନେଇ ଚାଷୀ କ୍ଷତିପୂରଣ ଦାବି କରୁଥିବା ବେଳେ, ନଷ୍ଟ ଯାଇଥିବା ଚାଷ ଜମିରେ ବସି ଚିନ୍ତାରେ ଭାଙ୍ଗି ପଡିଛନ୍ତି ।


No. 25001/128/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK**
**ee_rwbdk2@yahoo.co.in**
**"e" Procurement Notice for Building Works**
**Identification online Tender 03/RWD/BDK-II/2026-27 dtd. 07.05.2026**

1. Name of Work :- Building works as per Annexure
2. Total Number of Works :- 4 Nos.
3. Approximate Estimated Cost :- Rs. 25.22 lakhs - 34.45lakhs
4. Class of Contractor :- As per Annexure
5. Period of Completion :- As per Annexure
6. Type of Tender :- Singly Cover
7. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer,R.W. Division-II, Bhadrak | 03 | 14.05.2026 At 10.30 A.M. | 21.05.2026 up to 5.00 P.M | 21.05.2026 up to 3.00 P.M | 22.05.2026 at 10.00 A.M |

8. Further details can be seen from the e-procurement portal "http//tendersorissa.gov.in".
9. All other changes / Corrigendum may be seen only in website www.tendersorissa.gov.in

**Sd/-**
**Executive Engineer**
**R.W. Division-II, Bhadrak**

**OIPR. 25001/25090/1/26-27/0003**











ଖରାପ ଲୋକଙ୍କର ହିଂସା ଆଚରଣ ଓ ଭଲ ଲୋକଙ୍କର ନୀରବତା ମନୁଷ୍ୟ ସମାଜ ପାଇଁ ସମାନ ଭାବରେ କ୍ଷତିକାରକ ।

# ଆଜିକାଲି



*ଚେତସା ସର୍ବକର୍ମାଣି, ମୟି ସନ୍ନ୍ୟସ୍ୟ ମତ୍ପରଃ*
*ବବୁଦ୍ଧିଯୋଗମୁପାଶ୍ରିତ୍ୟ, ମଚ୍ଚିତ୍ତଃ ସତତଂ ଭବ ।*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ମୁଁ ପରମ ପୁରୁଷ, ଏହି କଥା ମନେ କରି ତୋର ସମସ୍ତ କର୍ମ ମୋତେ ଅର୍ପଣ କରି ବିବେକ ବୁଦ୍ଧି ବଳରେ କର୍ମ କରି ମୋତେ ସର୍ବଦା ଧ୍ୟାନ କର ।

## ପ୍ରୋଟିନଯୁକ୍ତ ଖାଦ୍ୟ ମିଲେଟ

ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ । ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ । ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ । ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ । ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ । ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏ ନାହିଁ । ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ । ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ । ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ । ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ । ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ । ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ । ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ୱ ଯୋଗାଇ ଦେଇଥାଏ । ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ । ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ । ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ । ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ । ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ । ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର । ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ । ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି । ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ । ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ । ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀ ମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ । ଅଟିଜିମ ରୋଗୀ ସର୍ବଦା ଗ୍ଲୁଲେଟିନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ । ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ । ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ । ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ । ମାଣ୍ଡିଆରେ ଆଂଟି ଅକ୍ସିଡାଂଟରେ ଭରପୁର ମାତ୍ରାରେ ମିଳିଥାଏ । ମାଣ୍ଡିଆ ପିଲା ମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ । ମିଲେଟରେ ଫାଇବରରେ ଭରପୁର ଥାଏ । ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ । ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ ।

# କବିଗୁରୁ ସାଧୁରାମ ଚାନ୍ଦ ମୁର୍ମୁ

◆ ଦଶରଥ ହେମ୍ବ୍ରମ୍



◆ ଦଶରଥ ହେମ୍ବ୍ରମ୍



**ପୁଣ୍ୟଭୂମି ଭାରତରେ ଯେତେଜଣ ଯୋଗଜନ୍ମା ବରପୁତ୍ର ଜନ୍ମଗ୍ରହଣ କରିଥିଲେ, ସେହିମାନଙ୍କ ମଧ୍ୟରୁ କବିଗୁରୁ ସାଧୁ ରାମଚାନ୍ଦ ମୁର୍ମୁ ହେଉଛନ୍ତି ଅନ୍ୟତମ । ସେ ଥିଲେ ଉନବିଂଶ ଓ ବିଂଶଶତାର୍ବ୍ଦୀର ଜଣେ ନିରଳସ ସାନ୍ତାଳୀ ସାହିତ୍ୟସାଧକ । କେବଳ ଜଣେ ସାନ୍ତାଳୀ କବି, ଲେଖକ, ଦାର୍ଶନିକ, ସମାଜ ସଂସ୍କାରକ ଭାବେ ସାଧୁ ରାମଚାନ୍ଦ ମୁର୍ମୁ ପରିଚିତ ନଥିଲେ, ସେ ଥିଲେ ସାନ୍ତାଳ ସମାଜସାହିତ୍ୟ, ସଂସ୍କୃତି ଓ ଇତିହାସର ଜଣେ ମାର୍ଗଦର୍ଶକ ଏବଂ ବାର୍ତାବହ । ଯଦିଓ ସାଧୁରାମ ଚାନ୍ଦ ମୁର୍ମୁ ଆଜି ଇହଜଗତରେ ନାହାନ୍ତି, ତଥାପି ତାଙ୍କର ସାହିତ୍ୟ ସାଧନା, ତ୍ୟାଗ ଓ ଅବଦାନ ଭାରତୀୟ ସାନ୍ତାଳସମାଜରେ ଉଜ୍ଜୀବିତ ହୋଇ ରହିଛି ଏବଂଭବିଷ୍ୟତ ପାଇଁ ମଧ୍ୟ ରହିବ, ଏଥିରେ କୌଣସି ସନ୍ଦେହର ଆବଶ୍ୟକତା ନାହିଁ । କେବଳ ସାହିତ୍ୟକ୍ଷେତ୍ରରେ କାହିଁକି, ସମାଜକୁ ପ୍ରଗତି ପଥରେ ଆଗେଇ ନେବା କ୍ଷେତ୍ରରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଅବଦାନ ଚିରସ୍ମରଣୀୟ ।**

ସାଧୁ ରାମଚାନ୍ଦ ମୁର୍ମୁଙ୍କଜନ୍ମ ୧୮୯୭ ମସିହା ଏପ୍ରିଲ ୩୦ ତାରିଖରେ ପଶ୍ଚିମବଙ୍ଗର ଅବିଭାଜିତ ମେଦିନୀପୁର ଜିଲ୍ଲାର ସିଲଦା ନିକଟସ୍ଥ କାମାର୍‌ବାନ୍ଧି ଗ୍ରାମରେ ହୋଇଥିଲା । ସେ ଥିଲେ ପିତା ମୋହନ ମୁର୍ମୁଏବଂ କୁନି ମୁର୍ମୁଙ୍କର କନିଷ୍ଠ ସନ୍ତାନ । ତାଙ୍କର ଦୁଇ ବଡ଼ଭାଇ ଏବଂ ଭଉଣୀ ମଧ୍ୟ ଥିଲେ । ବାଲ୍ୟକାଳରୁ ସାନ୍ତାଳ ସାମାଜରେ ସୁଧାର ଆଣିବାରେ ତାଙ୍କର ପ୍ରଚଣ୍ଡ ନିଷ୍ଠା ରହିଥିଲା । ୧୯୦୬ରୁ ତାଙ୍କର ପ୍ରାଥମିକ ଶିକ୍ଷାଗ୍ରାମ ବିଦ୍ୟାଳୟରେ ଆରମ୍ଭ କରିଥିଲେ । ବିଦ୍ୟାଳୟରେ ପଢୁଥିବା ସମୟରେ ତାଙ୍କ ମନରେ ଭାବନା ଉଦ୍ରେକ ହେଲା ଯେ ସାନ୍ତାଳସମାଜକୁ ମଧ୍ୟ ଅନ୍ୟ ସମାଜ ପରି ଗଢ଼ି ତୋଳି ସମଗ୍ର ଭାରତବର୍ଷରେ ପରିଚିତ କରାଇବା । ତା' ସହିତ ସାନ୍ତାଳ ସମାଜରେ ରହିଥିବା ଲୋକଗୀତ, ପୌରାଣିକ କାହାଣୀ, ଢଗଢ଼ମାଳୀ, ମୌଖିକ ପରମ୍ପରା, ଇତିହାସ ଗୁଡ଼ିକ ଲିପିବଦ୍ଧ କରି ମହାଗ୍ରନ୍ଥରେ ପରିଣତକରିବା ତଥା ସାନ୍ତାଳୀସାହିତ୍ୟର ଅଭିବୃଦ୍ଧି ଘଟାଇ ଅନ୍ୟ ସମାଜ ସହିତ ତା'ର ତୁଳନାକୁ ତ୍ୱରାନ୍ୱିତ କରାଇବା । ପାଠ ପଢ଼ିବାସହିତ ଏହିଭଳି ମହାନ୍ ଭାବନା ମନରେ ରଖି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ସେ ଭୀମପୁର ସାନ୍ତାଳ ମିଶନ ସ୍କୁଲକୁ ଯାଇଥିଲେ । ସେ ଠାରେ ସେ ୧୯୧୩ରେ ଉଚ୍ଚ ପ୍ରାଥମିକ (ମଧ୍ୟମ ବଙ୍ଗଳା) ଶିକ୍ଷାସମାପ୍ତ କରିଥିଲେ । ଉତ୍କଟ ଦାରିଦ୍ର୍ୟ ହେତୁ ଉଚ୍ଚଶିକ୍ଷାରୁ ବଂଚିତ ହୋଇ ଜୀବିକା ନିର୍ବାହ ପାଇଁଚାଷକାମସହିତହସ୍ତଶିଳ୍ପ ମଧ୍ୟ ଆରମ୍ଭ କରିଥିଲେ । ସେଥିରେ ସେ ଗୁଜୁରାଣ ମେଂଟାଇ ଜଣେ ପ୍ରସିଦ୍ଧ ଗାୟକ ଏବଂ ସଂଗୀତଜ୍ଞ ହୋଇ ପାରିଥିଲେ । ପାରମ୍ପରିକ ସାନ୍ତାଳୀ ଗୀତ ଏବଂ ସଙ୍ଗୀତ ବିଷୟରେ ତାଙ୍କର ଅପାରଜ୍ଞାନ ରହିଥିଲା ।ସେ ନିଜେ ମଧ୍ୟ କିଛିସ୍ୱର ସୃଷ୍ଟି କରିଥିଲେ । ସେତେବେଳେ କୁହାଯାଉ ଥିଲା ଯେ ସମଗ୍ରସିଲଦା ଅଂଚଳରେ ରାମଚାନ୍ଦ ମୁର୍ମୁଙ୍କ ପରିବଂଶୀ ଏବଂ ବେହେଲା ବାଦକ କେହି ନଥିଲେ । କେହିଭାବି ନଥିଲେ ଯେ ଦିନେ ସେଜଣେ ପ୍ରସିଦ୍ଧ କବିହେବେ । ସେତେବେଳର ସାନ୍ତାଳସମାଜରବିପଦପୂର୍ଣ୍ଣ ପରିସ୍ଥିତି ଏବଂ ଅବସ୍ଥାତାଙ୍କୁ ଲେଖିବାକୁ ବାଧ କରିଥିଲା, ଯାହା ସାହିତ୍ୟିକ ମାନଙ୍କ ଲେଖାଗୁଡ଼ିକରୁ ଜଣାଯାଏ । ତଥାପି, ସେ ସବୁକୁ ଖାତିର ନକରି ଆଗକୁ ଆଗ ପାଦ ବଢ଼େଇସାନ୍ତାଳୀ ଭାଷାରେ ଅନେକ କବିତା ରଚନାକରି ପ୍ରଖ୍ୟାତ କବିଭାବେ ଖ୍ୟାତିଲାଭ କରିଥିଲେ । ତାଙ୍କକୃତିଗୁଡ଼ିକ ପୂର୍ବଭାରତରେ ଆଧୁନିକ ସାନ୍ତାଳୀସାହିତ୍ୟକୁ ଗଠନ କରିବାରେଏବଂ ଆଦିବାସୀ ପରିଚୟକୁସଂରକ୍ଷଣ କରିବାରେ ସାହାଯ୍ୟ କରିଥିଲା । ସାନ୍ତାଳୀରେଲେଖୁଥିବା ପ୍ରାରମ୍ଭିକ ଏବଂସବୁଠାରୁ ପ୍ରଭାବଶାଳୀ ଆଧୁନିକ କବିମାନଙ୍କ ମଧ୍ୟରୁସେ ହେଉଛନ୍ତି ଅନ୍ୟତମ । ସାଧୁ ରାମଚାନ୍ଦ ମୁର୍ମୁଉନବିଂଶଶତାବ୍ଦୀର ଶେଷଭାଗ ଏବଂ ବିଂଶଶତାବ୍ଦୀର ପ୍ରାରମ୍ଭରେ ସାନ୍ତାଳୀସାହିତ୍ୟ ଏବଂସଙ୍ଗୀତକୁ ପୁନଃ ଆକୃତି ଦେଇଥିଲେ । ସାନ୍ତାଳୀ ସାହିତ୍ୟର 'କବିଗୁରୁ' ଏବଂ 'ମହାକବି' ଭାବରେ ସେ ଜଣାଶୁଣା । କହିବାକୁ ଗଲେ, ସେ ହେଉଛନ୍ତି ଭାରତର ମହାନ ଆଦିବାସୀ କବିମାନଙ୍କ ମଧ୍ୟରୁଜଣେ ।ସେ ପ୍ରଥମ ସାନ୍ତାଳୀ କବି ଯିଏ ସଂସ୍କୃତ ଏବଂ ବଙ୍ଗଳାସାହିତ୍ୟର ଉଚ୍ଚ କାବ୍ୟିକ ପରମ୍ପରାକୁ ସାନ୍ତାଳୀ ମୌଖିକ ପରମ୍ପରାର ଧାରା ଏବଂ ସୌନ୍ଦର୍ଯ୍ୟ ସମ୍ବେଦନଶୀଳତା ସହିତମିଶ୍ରଣ କରିଥିଲେ । ଆଦିବାସୀ ସାନ୍ତାଳ ସମ୍ପ୍ରଦାୟକୁସେ ଉତ୍ସାହିତ କରିବା ସହ ସେମାନଙ୍କର ଶିକ୍ଷା ଓ ସଂସ୍କୃତିକ୍ଷେତ୍ରରେ ମାର୍ଗଦର୍ଶନ କରୁଥିଲେ । ୧୯୨୩ ମସିହାରେସାନ୍ତାଳୀଭାଷା ପାଇଁ 'ମଜ୍ ଦାନ୍ଦେର୍ ଆଙ୍କ୍' ନାମକସାନ୍ତାଳୀଲିପି ଆବିଷ୍କାର କରିବାରେ ସେ ହେଉଛନ୍ତି ପ୍ରଥମ ସଫଳ ପୁରୁଷ ।ଏହାରବ୍ୟାପକ ପ୍ରଚାର ପ୍ରସାର କରିବା ତାଙ୍କ ପକ୍ଷରେସମ୍ଭବହୋଇ ନଥିଲା କିମ୍ବା ତାଙ୍କ ପାଖରେସମ୍ବଳବି ନଥିଲା, ଫଳରେ ସାନ୍ତାଳ ସମାଜରେ ଉକ୍ତଲିପି ଆଦୃତ ହୋଇ ପାଇଲା ନାହିଁ । ୧୯୨୫ ମସିହାରେ ପଣ୍ଡିତରଘୁନାଥ ମୁର୍ମୁ 'ଅଲଚିକି' ଲିପି ଆବିଷ୍କାର କରି ଥିଲେ । ସାନ୍ତାଳୀସାହିତ୍ୟ, ସଂସ୍କୃତି ଓ ଇତିହାସଗୁଡ଼ିକ ଲେଖିବାରେ ସହଜହେବାରୁ 'ଅଲଚିକି' ଲିପିକୁ ଲୋକେ ପସନ୍ଦ କଲେ । ପରବର୍ତୀ ସମୟରେ କବିତା, ଗଳ୍ପ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଇତିହାସ ପ୍ରଭୃତି ଅଲ୍‌ଚିକିଲିପିରେ ଲିପିବଦ୍ଧ ହେଲା । କିନ୍ତୁସାଧୁ ରାମଚାନ୍ଦ ମୁର୍ମୁଙ୍କ ଦ୍ୱାରା ଆବିଷ୍କୃତ 'ମଜ୍ ଦାନ୍ଦେର୍ ଆଙ୍କ୍' ଲିପିକୁଲୋକମାନେ ବ୍ୟବହାର କଲେନାହିଁ । ପଶ୍ଚିମବଙ୍ଗରେ ଥିବା ବେତକୁନ୍ଦ୍ରିଡାହିରେ ଭାରତୀୟ ଆଦିବାସୀ ସଂସ୍କୃତିଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ପ୍ରଥମ ଆଦିବାସୀ ସମ୍ମିଳନୀର ନିଷ୍ପତିକ୍ରମେ ପଣ୍ଡିତରଘୁନାଥ ମୁର୍ମୁଙ୍କ ଅଲଚିକିଲିପିକୁ ସାନ୍ତାଳୀଲେଖିବାରେମାନ୍ୟତା ଦିଆଗଲା । ଅପରପକ୍ଷରେ କବିଗୁରୁସାଧୁ ରାମଚାନ୍ଦ ମୁର୍ମୁଙ୍କ ଦ୍ୱାରାସୃଷ୍ଟ 'ମଜ୍ ଦାନ୍ଦେର୍ ଆଙ୍କ୍' ଲିପିକୁ ପ୍ରତ୍ୟାଖ୍ୟାନ କରାଯାଇ ଥିଲା ।ତେଣୁସେଦିନ ଠାରୁ 'ମଜ୍ ଦାନ୍ଦେର୍ ଆଙ୍କ୍' ଲିପିର ପ୍ରଚଳନ ସ୍ଥଗିତକରାଯାଇଥିଲା । କବିଗୁରୁ ସାଧୁ ରାମଚାନ୍ଦ ମୁର୍ମୁକେବଳଜଣେକବି ନଥିଲେବରଂ ଥିଲେ ଜଣେ ଉଚ୍ଚମାନରଲେଖକ ।ସେ ଅନେକଗୀତ, ପ୍ରବନ୍ଧ, କବିତା ଏବଂ ନାଟକ ଲେଖିଛନ୍ତି । ସମାଜକୁ କିଭଳି ଭାବେଉନ୍ନତି ପଥରେ ଆଗେଇ ନେବାକୁ ହେବ ସେ ବିଷୟରେ ତାଙ୍କ ମନରେ ସର୍ବଦା ଚିନ୍ତା ରହୁଥିଲା । ଶିକ୍ଷାକୁ ଆପଣାଇଏବଂସମାଜକୁଏକତା ସୂତ୍ରରେ ବାନ୍ଧି ସ୍ୱଚ୍ଛସମାଜ ଓ ଧର୍ମ ପ୍ରତିଷ୍ଠା କିପରିକରାଯାଇ ପାରିବ ସେ ଭାବନାରେ ବୁଡ଼ିରହି ଅନେକ ପୁସ୍ତକଲେଖିବାରେ ସେ ସଫଳ ହୋଇ ଥିଲେ । ତାଙ୍କକାଳଜୟୀକବିତା ପୁସ୍ତକମଧ୍ୟରୁ 'ସାରି ଧରମ୍‌ସେରେ୍ ପୁଥୀ' (ଭାଗ-୧, ୨ ଏବଂ ୩), 'ଲିଟାଗଡ଼େତ୍' (ଜମ୍‌ସିମ୍‌ବିନ୍ତୀ), 'ସଂସାର୍‌ଫେନ୍ଦ୍', 'ଇଶ୍ରଲ୍', 'ଅଲ୍ ଦହ ଅନଲ୍‌ହେ' ଏବଂ 'ସାଧୁରାମଚାନ୍ଦ ଅନଲ୍‌ମାଲା' ଆଦି ଅନ୍ୟତମ । 'ସାରି ଧରମ୍‌ସେରେ୍ ପୁଥି'ରେ ୫୦ ଗୋଟିସେରେ୍ ମଧ୍ୟରୁ ଦଙ୍ଗ୍, ଲାଗ୍‌ଣେ, ବାହା, ସହରାୟ, କାରାମ୍, ଝାର୍ନି, ଲୁହୁରୀ, ହେଲ୍‌ହେଦ୍ ଏବଂ ପାତା ଆଦି ଗୀତକୁନେଇ ଲେଖିଥିବା ବେଳେ 'ଅଲ୍ ଦହ୍ ଅନଲ୍‌ହେ'ରେ ୫୧ ଗୋଟି କବିତାରହିଛି, ସବୁକବିତା ସମାଜରବାର୍ତାବହନ କରିଛି । ନିଜେ ସଙ୍ଗୀତରଚନା କରିସ୍ୱର ଦେଇ ଗାନ କରିବାକୁ ସାଧୁ ଭଲ ପାଉଥିଲେ ।ଏପରିକି ଅଧ୍ୟୟନ କିମ୍ବା ଅବସର ସମୟରେ ନାଚ, ଗୀତ ଏବଂ କବିତାରଚନା କରିତାଙ୍କର ପ୍ରତିଭା ବିକଶିତ ହୋଇଥିଲା । ୧୫ ଡିସେମ୍ବର ୧୯୫୪ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା । ସାନ୍ତାଳସମାଜରେ ଜନ୍ମିତ ବହୁମୁଖୀ ପ୍ରତିଭାଶାଳୀଙ୍କୁ ହରାଇସାନ୍ତାଳ ସମାଜ ତଥା ସାହିତ୍ୟ ଜଗତରେ ଅପୂରଣୀୟକ୍ଷତି ପହଂଚାଇଛି । ସାନ୍ତାଳୀଭାଷା ଓ ସାହିତ୍ୟକ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଆଗାମୀ ଯୁବପିଢିଙ୍କର ସେପ୍ରେରଣାର ଉତ୍ସ ହୋଇ ରହିବେ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

# ମରାଠା ବୀର ସମ୍ଭାଜୀ

◆ ଡ଼ଃ.ଅରୁନ୍ଧତୀ ଦେବୀ

**ଜୟନ୍ତୀ ଉପଲକ୍ଷେ**



ସମ୍ଭାଜୀ ବା ଧର୍ମବୀର ଛତ୍ରପତି ସମ୍ଭାଜୀ ରାଜେ ଭୋନସଲେ ଥିଲେ ଅଦ୍ୱିତୀୟ ମରାଠା ବୀର । ଭାରତ ଇତିହାସରେ ତାଙ୍କର ଶୌର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସମ୍ଭାଜୀ ମେ ୧୪ ତାରିଖ ୧୬୫୭ରେ ପୁଣେର ପୁନ୍ଦର ଦୁର୍ଗରେ ଜନ୍ମଗ୍ରହଣ କରିଥିଲେ । ସେଥିରେ ମରାଠା ବୀର ଛତ୍ରପତି ଶିବାଜୀ ଓ ସାଇ ବୀରଙ୍କ ପୁତ୍ର । ସେ ସମୟରେ ମୋଗଲଙ୍କ ପ୍ରଧାନ ଶତ୍ରୁ ଥିଲେ ମୋଗଲ ବାଦଶାହା ଆଉରଙ୍ଗଜେବ୍ । ସାରା ଭାରତରେ ଆଧିପତ୍ୟ ବିସ୍ତାର କରିବା ସହ ହିନ୍ଦୁ ରାଜ୍ୟକୁ କବଳକୁ ଆଣିବା ଲାଗି ଆଉରଙ୍ଗଜେବ୍ ମରାଠା ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ମାତ୍ର ତାଙ୍କ ଆକ୍ରମଣକୁ ସଫଳ ହେବାକୁ ଦେଇନଥିଲେ ସମ୍ଭାଜୀ । ଯୁଦ୍ଧଭୂମିରେ ଅସାଧାରଣ ବୀରତ୍ୱର ପ୍ରଦର୍ଶନ କରି ସମ୍ଭାଜୀ ମୋଗଲ ସେନାର ନିଦ ହଜାଇ ଦେଇ ଥିଲେ । ତାଙ୍କ ଆକ୍ରମଣରେ ଅତିଷ୍ଠ ହୋଇ ପଡ଼ି ଥିଲେ ଆଉରଙ୍ଗଜେବ୍ । ଶେଷରେ ବିଶ୍ୱାସଘାତକତା କରି ସମ୍ଭାଜୀଙ୍କୁ କାବୁ କରି ନେଇଥିଲା ମୋଗଲ ସେନା । ତାଙ୍କୁ ଧର୍ମ ପରିବର୍ତନ କରିବାକୁ କୁହା ଯାଇଥିଲା । ମାତ୍ର ସେ ମୃତ୍ୟୁକୁ ବରଣ କରିବେ ପଛେ ଧର୍ମଦ୍ରୋହୀ ହେବେ ନାହିଁ ବୋଲି କହି ଦେଇଥିଲେ । ସେଥିପାଇଁ ତାଙ୍କୁ ଧର୍ମବୀର କୁହାଯାଇଥାଏ । ଶେଷରେ ତାଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇ ମୋଗଲ କାରାଗାରରେ ହତ୍ୟା କରାଯାଇ ଥିଲା । ନିଜ ଜୀବନକାଳରେ ସମ୍ଭାଜୀ ୧୨୦ଟି ଯୁଦ୍ଧ ଲଢ଼ି ଥିଲେ । ସବୁ ଯୁଦ୍ଧରେ ତାଙ୍କରି ହିଁ ବିଜୟ ହୋଇଥିଲା । ଏଭଳି ପରାକ୍ରମ ଦେଖାଇ ଥିବା ବୀର ଇତିହାସରେ ମିଳିବା ବିରଳ ।

*ନିର୍ଦ୍ଦେଶିକା-ସମ୍ପାଦିକା,*
*ଆନ୍ତର୍ଜାତିକଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ:*
*୯୯୩୭୧୭୨୮୧୦*

# ମାନଗୋବିନ୍ଦ ବାର୍ତା ଏବେବି ବଂଚିଛି

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ସାଧାରଣତଃ ମଣିଷ କିଛି ତର୍କଶାସ୍ତ୍ର ଅଧ୍ୟୟନ କରି ନିଜକୁ ଜ୍ଞାନୀ- ଗୁଣୀର ପରିଚୟ ଦେଇଥାଏ ଏବଂ ସେ ନିଜକୁ ସୁହାଇଲା ଭଳି ପ୍ରତ୍ୟେକ କାର୍ଯ୍ୟ କରିଚାଲେ । ସେହି କାର୍ଯ୍ୟ ଗୁଡ଼ିକ ଅନ୍ୟ ପାଇଁ କ୍ଷତି ହେଲେ ମଧ୍ୟ ତାର ଶୋଚନା ନଥାଏ । ସେ ନିଜେ କରିଥିବା କାର୍ଯ୍ୟାଦିରେ ଅନେକ ଖୁଣ ଥିଲେ ବି, ତାକୁ ଠିକ୍ ସାବ୍ୟସ୍ତ କରିବା ପାଇଁ ବିବିଧ ପ୍ରକାର ଯୁକ୍ତି ବାଢ଼ିଥାଏ ଏବଂ ଅନେକ ଉଦାହରଣ ଦେଇ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ଚେଷ୍ଟା ବି କରିଥାଏ । ଏହା ହେଉଛି ତା'ର ମୂଢ଼ ଅହଂକାର ର ମାନସିକ ପ୍ରବୃତି । ଯେତେ ପର୍ଯ୍ୟନ୍ତ ସେହି ବ୍ୟକ୍ତିର ସାମର୍ଥ୍ୟ ଥାଏ, ସେ ଈଶ୍ୱରଙ୍କ ନାମ ମୁହଁରେ ନେଇଥାଏ ସିନା, ଈଶ୍ୱରଙ୍କ ଅସ୍ତିତ୍ୱ ବା ତା'ଙ୍କ ଶକ୍ତି ଉପରେ ତା'ର ତିଳେ ବି ବିଶ୍ୱାସ ନଥାଏ । କିନ୍ତୁ ଯେତେବେଳେ ନିଜଠାରୁ କୌଣସି ଏକ ଶକ୍ତିଶାଳୀ ଓ ପ୍ରଭୁତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସେ, ସେତେବେଳେ ନିଜେ କରିଥିବା କୃତକର୍ମ ପାଇଁ ଈଶ୍ୱରଙ୍କ ଇଚ୍ଛା କହି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାକୁ ପଛାଏ ନାହିଁ । ପ୍ରକୃତରେ ଏପରି ବ୍ୟକ୍ତିମାନେ ଜାଣନ୍ତି ନାହିଁ ଯେ, କର୍ମ ହେଉଛି ସ୍ୱତନ୍ତ୍ର । ନିଜେ କରିଥିବା ଶୁଭାଶୁଭ କର୍ମର ଫଳ ନିଜକୁ ହିଁ ଭୋଗିବାକୁ ପଡିବ । ତେଣୁ ଶାସ୍ତ୍ରରେ କୁହାଯାଇଛି: 'ଆବଶ୍ୟମେବ ଭୋକ୍ତବ୍ୟଂ ଶୁଭାଶୁଭଂ କର୍ମଫଳମ୍' । ଅର୍ଥାତ୍ ମନୁଷ୍ୟ ନିଜ ଜ୍ଞାତସାରରେ (ମୁଁ ଯୁକ୍ତ କରି) ଯେଉଁ ଭଲ ବା ମନ୍ଦ କର୍ମ କରିଥାଏ , ତାର ଫଳ ସେ ନିଶ୍ଚିତ ଭାବରେ ଭୋଗ କରେ । ଉକ୍ତ ପ୍ରସଙ୍ଗକୁ ନେଇ ଏକ ସୁନ୍ଦର ପୌରାଣିକ ଉପାଖ୍ୟାନ ରହିଛି, ଯାହା ଏପରି ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ । ମହାଭାରତ ସମୟର କଥା । ଗୋବିନ୍ଦ ( ଶ୍ରୀକୃଷ୍ଣ ) ହସ୍ତିନାପୁରକୁ ଯାଇଥାନ୍ତି । ସେଠାରେ ମହାପ୍ରଭୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଏ ଏବଂ ଆତିଥ୍ୟ ଗ୍ରହଣ କରିବା ପାଇଁ ଅହଙ୍କାରୀ ମାନଗୋବିନ୍ଦ ( ଦୁର୍ଯ୍ୟୋଧନ) ନିମନ୍ତ୍ରଣ ମଧ୍ୟ କରିଗଲେ; ପରନ୍ତୁ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନଙ୍କ ବାସ ଭବନକୁ ନ ଯାଇ ଭକ୍ତ ବିଦୁରଙ୍କ ଗୃହକୁ ଚାଲି ଯାଇଥିଲେ । ଏହା ଜାଣି ମାନଗୋବିନ୍ଦ ଅତ୍ୟନ୍ତ କ୍ରୋଧିତ ହୋଇଥିଲେ, କିନ୍ତୁ କ'ଣ ବା କରିପାରିବେ ! ନିଜକୁ ନିଜେ ସମ୍ଭାଳି ନେଲେ । କାରଣ ସେ ଜାଣନ୍ତି ଯଦୁପତି ଓ ତାଙ୍କରି ନାରାୟଣୀ ସେନା ବହୁତ ଶକ୍ତିଶାଳୀ ଅଟେ । ତେଣୁ ମୌନ ରହିବା ହିଁ ଶ୍ରେୟସ୍କର ଭାବି ନିଜ କକ୍ଷକୁ ଚାଲି ଯାଇଥିଲେ । ରାତ୍ର ସମୟଟି ଯେମିତି ସେମିତିରେ କଟିଗଲା । ତା' ପରଦିନ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଆସିଲେ । ମାନଗୋବିନ୍ଦଙ୍କୁ ଦେଖି ଗୋବିନ୍ଦ ଈଷତ୍ ହସି, କହିବାକୁ ଲାଗିଲେ ହେ କୌରବ ଯୁବରାଜ ! ତୁମ ପରି ବ୍ୟକ୍ତିଙ୍କୁ ଏ ଅଧର୍ମର ପଥ ଶୋଭା ପାଏନା, ଉକ୍ତ ପଥ ପରିତ୍ୟାଗକରି ଧର୍ମକୁ ଅନୁସରଣ କର, ଯାଫଳରେ ଧର୍ମ ତୁମକୁ ରକ୍ଷା କରିବ । ଶ୍ରୀକୃଷ୍ଣଙ୍କ ମୁଖରୁ ଏପରି ବାଣୀ ଶୁଣି ମାନଗୋବିନ୍ଦ କହିବାକୁ ଲାଗିଲେ :

*ଜାନାମି ଧର୍ମଂ ନ ଚ ମେ ପ୍ରବୃତିଃ ,*
*ଜାନାମ୍ୟଧର୍ମଂ ନ ଚ ମେ ନିବୃତିଃ*
*ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି ।।*

ଅର୍ଥାତ୍ ହେ ହୃଷୀକେଶ ! ଧର୍ମ କ'ଣ ? ମୁଁ (ଦୁର୍ଯ୍ୟୋଧନ) ଭଲଭାବେ ଜାଣେ, ତଥାପି ସେହି ମାର୍ଗରେ ମୋତେ ଯିବାକୁ ଭଲ ଲାଗେନାହିଁ ଏବଂ ଅଧର୍ମ ବି କ'ଣ ? ଜାଣେ ତଥାପି ତାହାକୁ ତ୍ୟାଗ କରି ପାରୁନାହିଁ । କାରଣ ଏହା ମୁଁ କରୁନାହିଁ । ମୋ' ଭିତରେ ଥିବା ଇନ୍ଦ୍ରିୟମାନଙ୍କ ସ୍ୱାମୀ ବା ଆପଣ, ଯେପରି କରାଉଛନ୍ତି, ମୁଁ ସେପରି କରୁଛି । ପ୍ରକୃତରେ ଏହା ଥିଲା ମାନଗୋବିନ୍ଦଙ୍କ ଅଜ୍ଞାନତାର ପରିଚୟ । ସେ ନିଜର ପାପ କର୍ମ ପାଇଁ ଭଗବାନଙ୍କୁ ଦାୟୀ କରିଥିଲେ । ଏହା କେବଳ ଦୁର୍ଯ୍ୟୋଧନଙ୍କ କଥା ନୁହେଁ, ବରଂ ସଂସାରର ପ୍ରତିଟି ସାଧାରଣ ମଣିଷର ଅନ୍ତରର କଥା । ମଣିଷ ଅନେକ ସମୟରେ ଜାଣିଥାଏ ଯେ ସେ କରୁଥିବା କାର୍ଯ୍ୟଟି ଠିକ୍ ନୁହେଁ । ତଥାପି, ନିଜର ଅହଂକାର, କ୍ରୋଧ, ଲୋଭ ଓ ପୂର୍ବ ସଂସ୍କାର ଯୋଗୁଁ ସେ ସେହି ଅଧର୍ମ ମାର୍ଗରୁ ନିଜକୁ ଦୂରେଇ ପାରେନାହିଁ । ଏହାକୁ ହିଁ ମନସ୍ତତ୍ୱ ବିଜ୍ଞାନରେ 'ଇଚ୍ଛାଶକ୍ତିର ଦୁର୍ବଳତା' କୁହାଯାଏ । ଅର୍ଥାତ୍ ଆମର ସମସ୍ତ ଇନ୍ଦ୍ରିୟ ଓ ମନର ନିୟନ୍ତ୍ରକ ହେଉଛନ୍ତି ସେହି ପରମାତ୍ମା ସ୍ୱରୂପ ବିବେକ । ଯେତେବେଳେ ମଣିଷ ନିଜେ ଚେଷ୍ଟା ନକରି ନିଜକୁ ସୁଧାରି ପାରେନାହିଁ, ସେତେବେଳେ ସେ ସମସ୍ତ ଦାୟିତ୍ୱ ଈଶ୍ୱରଙ୍କ ଉପରେ ଛାଡ଼ିଦିଏ । ଏହା ଏକ ପକ୍ଷରେ ନିଜର ଦୋଷ ଲୁଚାଇବାର ଗୋଟିଏ ବାହାନା । ଉପରୋକ୍ତ ଶ୍ଳୋକଟି ଶିକ୍ଷା ଦିଏ ଯେ, କେବଳ ଜ୍ଞାନକୁ ଜାଣିବା ଯଥେଷ୍ଟ ନୁହେଁ, ସେହି ଜ୍ଞାନକୁ ଆଚରଣରେ ପରିଣତ କରିବା ପାଇଁ ଈଶ୍ୱରଙ୍କ କୃପା ଓ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକ ରହିଛି । ଏହି ମଣିଷର ଅନ୍ତରରେ 'ଦେବ' ଶକ୍ତି ବା ଯାହାକୁ ଆମେ ବିବେକ କହୁ ଓ 'ଦାନବ' ଶକ୍ତି ବା ଯାହାକୁ ଆମେ କୁମନ କହିଥାଉ । ଉକ୍ତ ଦୁଇଟି ଶକ୍ତି ହିଁ ମାନବକୁ 'ଦେବ' ଓ 'ଦାନବ' ରୂପେ ଗଢ଼ି ତୋଳିଥାଏ ।

*ଖମ୍ବେଶ୍ୱରୀ ପାଟଣା,ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*











# ସାଇକ୍ରୀଷ୍ଣ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ ନର୍ସିଂ ଦିବସ-୨୦୨୬ ତଥା ୨୦୬ତମ ଜନ୍ମ ଜୟନ୍ତୀ ଫୋରେଲେନ୍ସ ନାଇଟ ଏଙ୍ଗେଲ (ବିଶ୍ୱ ସେବିକା ଦିବସ ) ପାଳିତ



ଜଳେଶ୍ୱର (ନିପ୍ର ) ସାଇ କ୍ରିଷ୍ଣ ନର୍ସିଂ କଲେଜ ର ଅଧ୍ୟକ୍ଷା ଶ୍ରୀମତୀ ବିଷ୍ଣୁ ପ୍ରିୟା ବେହେରା ଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବକ୍ତବ୍ୟର ପ୍ରକାଶ କରି କହିଥିଲେ ଆନ୍ତର୍ଜାତିକ ନର୍ସିଂ ଦିବସ ପାଳନ ୧୯୬୫ ମସିହା ମେ ୧୨ ତାରିଖ ରୁ ପାଳିତ ହୋଇ ଆସୁଛି । ଫ୍ଲୋରେନ୍ସ ନାଇଟ୍ଏଙ୍ଗେଲ ଙ୍କର ୨୦୬ ତମ ଜନ୍ମ ଜୟନ୍ତୀ ୧୮୨୦ ମସିହା ମେ ୧୨ ତାରିଖରେ ଇଟାଲୀ ର ଫ୍ଲୋରେନ୍ସ ସହରରେ ଏକ ଧନାଢ୍ୟ ପରିବାର ରେ ଜନ୍ମଗ୍ରହଣ କରିଥିଲେ ।କ୍ରିମାନ ଯୁଦ୍ଧ ରେ ଆହତ ସୈନ୍ୟ ମାନଙ୍କର ସେବୀକା ହିସାବରେ ସେବାକାର୍ଯ୍ୟ ପାଇଁ ତାଙ୍କୁ 'ଲେଡି ଉଇଥ୍ ଦି ଲ୍ୟାମ୍ପ'ଉପାଧି ରେ ଭୂଷିତ ହୋଇଥିଲେ । ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହ ତଥା ସାଇ କ୍ରୀଷ୍ଣା ନର୍ସିଂ କଲେଜ, ସାଇଳା ଫାର୍ମାସୀ କଲେଜ ଜଳେଶ୍ୱର ର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ ଫ୍ଲୋରେନ୍ସ ନାଇଟ ଏଙ୍ଗେଲ ଙ୍କ ମେ ୧୨ ତାରିଖ ୧୮୨୦ ରେ ଜନ୍ମଗ୍ରହଣ ତାରିଖ କୁ ପ୍ରତି ବର୍ଷ ମେ ୧୨ ତାରିଖ କୁ ଆନ୍ତର୍ଜାତିକ ନର୍ସିଂ ଦିବସ ରୂପେ ପାଳିତ ହୋଇଆସୁଛି । ତାଙ୍କର ସେବା କାର୍ଯ୍ୟ, ସ୍ୱଚ୍ଛତା ପରି ପ୍ରକାଶ ର ଏକ ନୂଆ ଦିଗନ୍ତ ସୃଷ୍ଟି କରିଥିଲେ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବରେ ସୁପେରିଟେଣ୍ଡେଟ ଜି କେ ଭଟ୍ଟର ହସ୍ପିଟାଲ, ଜଳେଶ୍ୱର ର ର ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପାତ୍ର, ବକ୍ତବ୍ୟରେ କହିଥିଲେ ସେବା କୁ ଓଲଟାଇ ଲେ ବାସେ । ନର୍ସିଂ ପିଲାମାନଙ୍କୁ ତୁମର ସେବାକାର୍ଯ୍ୟ ମହମହ ବାସ୍ନା ରେ ମହକିତ କରିବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ସମ୍ପାଦିକା ମଧୁଛନ୍ଦା ମହାନ୍ତି ବକ୍ତବ୍ୟରେ ନର୍ସିଂ ପାଠ୍ୟକ୍ରମ ସବୁ ସମୟରେ ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ । ସାଇ ସାରଳା ଡି ଫାର୍ମାସୀ କଲେଜ୍ ର ଅଧ୍ୟକ୍ଷ ଶ୍ରୀ ଯୁକ୍ତ ଶକ୍ତି ପ୍ରସାଦ ମାଇତି, ଅଧ୍ୟାପିକା ବବିତା ବେହେରା ଅଧ୍ୟାପକ ମାନସ ମାଇତୀ,ସେକ୍ରେଟେରୀ ମଧୁଛନ୍ଦା ମହାନ୍ତି , ଫାଉଣ୍ଡର ଡ଼ଃ. ଅଜିତ କୁମାର ମହାନ୍ତି ଆନ୍ତର୍ଜାତିକ ସେବିକା ଦିବସ ଉଦ୍ଦେଶ୍ୟରେ ସମସ୍ତ ଙ୍କୁ ଅବଗତ କରିଥିଲେ । ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ପଦାର୍ଥ ବିଜ୍ଞାନର ଅଧ୍ୟାପକ ସ୍ୱରାଜ କୁମାର ଜେନା,କୋଡିନେଟର ଗୌର ଗୋପାଳ ପରିଡା, ଅର୍ଚ୍ଚିତା ବେହେରା, ଇସ୍ପିତା ସାହୁ, ପାନମଣୀ ଟୁଡୁ, ଶୁଭଶ୍ମୀତା ଜେନା, ମନ୍ଦାକିନୀ ସିଂ,ପ୍ରୀତି ପ୍ରିୟ ଦର୍ଶିନୀ ଜେନା,ସୁମନ ଗିରି, ଶ୍ରଦ୍ଧାଞ୍ଜଳି ଗିରି, ଉତମ କୁମାର ପାତ୍ର,ବରୁଣ ଡାକୁଆ, କୃଷ୍ଣା ମାହାଳିକ, କାବେରୀ ମାହାଳିକ, ମଧୁସ୍ମିତା ସମାଦ, ସୀତା ମାରାଣ୍ଡି,ଫୁଲମଣି ହାଁସଦା,ଜବା ମୁର୍ମୁ, ଅନୁରାଧା ଜେନା, ଶୁଭସ୍ମିତା ଜେନା, ଜ୍ୟୋତି ବାଳା ପାତ୍ର,ରୁମା ସିଂ ରଶ୍ମୀରେଖା ଟୁଡୁ, ମାନସ ଜେନା, ତନୁ ସିଂ, ତପନ ଜେନା, ସାଇନା ଜାନା, ଭାରତୀ ରାୟ, ମୀନୁ ସରେନ୍, ମଞ୍ଜୁଲତା ବେହେରା, କଳ୍ପନା ଜେନା, ବୈଶାଖି ବେହେରା,ଅନିଶା ଜେନା,ବର୍ଷା ସିଂ,ଶ୍ୱିମ୍ କୁମାର ବାରିକ, ହରିହର ଜେନା, ଲୀଜା ଦେହୁରୀ, ମୁକ୍ତିପଦ ଗିରି, ପ୍ରିତମ ଜେନା,ଶୁଭଶ୍ମୀତା ସାମଲ ,ରାଜା ପ୍ରଧାନ, ସ୍ନେହା ଶିଷ ପ୍ରଧାନ, ଅଞ୍ଜନ କୁମାର ଧଳ, ଅଂଶୁମାନ ଧଳ, ଶିବ ନାରାୟଣ ପ୍ରଧାନ, ସୀତାରାମ ଦଳେଇ,ଇତ୍ୟାଦି ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।ସଭା ପ୍ରାରମ୍ଭ ରେ ସାଇ କ୍ରୀଷ୍ଣା ନର୍ସିଂ କଲେଜ ପିଲାମାନଙ୍କ ପକ୍ଷରୁ ପ୍ରଥମେ ପରେ ପରେ ସମୂହ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଅତିଥି ମାନଙ୍କ ବକ୍ତବ୍ୟ ସହିତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ନର୍ସିଂ ପିଲାମାନଙ୍କ ଦ୍ୱାରା ଏକ ନାଟକ 'ଡେଙ୍ଗୁ' ପରିବେଷଣ କରାଯାଇଥିଲା । ଅଧ୍ୟକ୍ଷା କଙ୍କ ଦ୍ୱାରା ଏଭଳି 'ପବିତ୍ର କର୍ମ ନର୍ସିଂ ସେବା'ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶପଥ ଗ୍ରହଣ କରିଥିଲେ । ସର୍ବଶେଷରେ ରେ ଅନୁଷ୍ଠାନ ର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଡ଼ିଶୋଳରେ ବସୁଧା ଯୋଜନା ପାଣିଟାଙ୍କି ଅଚଳ ଗ୍ରାମବାସୀ ଘେରିଲେ ପଂଚାୟତ ଅଫିସ



ବେତନଟୀ : (ନି ପ୍ର) ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ବ୍ଲକ ଅନ୍ତର୍ଗତ ଖଡିଶୋଳ ପଂଚାୟତର ଖଡିଶୋଳ ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି ପ୍ରାୟ ୨୦ ଦିନ ଧରି ଅଚଳ ହୋଇପଡ଼ିଥିବାରୁ ଚାରିଟି ୱାର୍ଡର ଶତାଧିକ ଗ୍ରାମବାସୀ ଗରା ଓ ବାଲ୍ଟି ଧରି ପଂଚାୟତ ଅଫିସ ଆଗରେ ଧାରଣା ଦେଇଛନ୍ତି । ସୂଚନା ଅନୁଯାୟୀ, ଖଡିଶୋଳ ପଂଚାୟତର ୫, ୬, ୭ ଓ ୮ ନମ୍ବର ୱାର୍ଡ ଅନ୍ତର୍ଗତ କଲୋନୀ ସାହି, ତଳସାହି, ଉପରସାହି, ପ୍ରଧାନସାହି, ଭୋସଲସାହି, କଇଂଚିଶୋଳ, ବାସୀସାହି, ବେହେରାସାହି ଆଦି ଅଂଚଳର ପାଖାପାଖି ଏକ ହଜାରରୁ ଅଧିକ ଜନସଂଖ୍ୟା ଏହି ପାଣିଟାଙ୍କି ଉପରେ ନିର୍ଭର କରିଥାଆନ୍ତି । ଏହି ଟାଙ୍କିର ଜଳଧାରଣ କ୍ଷମତା ଏକ ଲକ୍ଷ ଲିଟର ହୋଇଥିବା ଜଣାପଡ଼ିଛି । ତେବେ ପାଣି ପମ୍ପ ମେସିନ୍ରେ ଯାନ୍ତ୍ରିକ ଗଣ୍ଡଗୋଳ ଦେଖାଦେବାରୁ ଗତ ପ୍ରାୟ ୨୦ ଦିନ ହେଲା ଦୈନିକ ଦୁଇଥର ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି । ଗ୍ରାମବାସୀମାନେ ବାରମ୍ବାର ପଂଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ଆଜି ସେମାନେ ବାଧ୍ୟତାମୂଳକ ଭାବେ ପଂଚାୟତ ଅଫିସ ଘେରାଉ କରି ନାରାବାଜି କରିଥିଲେ । ଶେଷରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଇଞ୍ଜିନିୟର ସୁରେନ୍ଦ୍ର ନାଥ କିସ୍କୁ ଧାରଣାରତ ଗ୍ରାମବାସୀଙ୍କୁ ସାକ୍ଷାତ କରି ୨୪ ଘଂଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଗ୍ରାମବାସୀମାନେ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଶୀଘ୍ର ପାଣି ଯୋଗାଣ ସ୍ୱାଭାବିକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ସ୍କାଉଟସ୍ ଗାଇଡସ୍‌ର ୧୪୬ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୬ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୧୨.୦୫.୨୦୨୬ରିଖ ଦିନ ୨.୩୦ ମିନିଟ୍ ସମୟରେ ଆୟୋଜିତ ହୋଇଅଛି । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭ୍ୟମାନେ ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ଅନାମିକା ଦାସ ସ୍ୱାଗତ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ବିବରଣୀ ପାଠ କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟ ସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା । ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା । ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟ ମାନଙ୍କର ସହଯୋଗ କାମନା କରିଥିଲେ । ଶେଷରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଟେନରରେ ଗଞ୍ଜେଇ ଚାଲାଣ



ସୋର : (ସପ୍ର)– ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଚପରାପଦା ନିକଟରେ ଦୁଇଟି ଟ୍ରକ ଦୁର୍ଘଟଣା ହେବା ପରେ ଗଞ୍ଜେଇ ଚାଲାଣର ଅଭିନବ ଉପାୟ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଚପରପଦା ନିକଟରେ ଏକ ସିମେଂଟ ବୋଝେଇ ଟ୍ରକ ରାସ୍ତା ଉପରେ ଛିଡା ହୋଇଥିବା ବେଳେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ କଂଟେନର ଟ୍ରକକୁ ପଛରୁ ଧକା ଦେଇଥିଲା । ଉଭୟ ଗାଡିର ଚାଳକ ଫେରାର ହୋଇଯାଇଥିବା ବେଳେ ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଏହି ସମୟରେ କଂଟେନରରୁ ୨୦ କିଲୋ ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିଲା । ତେବେ କେଉଁ ଠିକଣାକୁ ଗଞ୍ଜେଇ ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

# ଅବୈଧ ଏଲପିଜି ଗ୍ୟାସ୍ ରିଫିଲିଂ କଳାବଜାରୀରେ ଚଢ଼ଉ: ପିକଅପ ସହ ୬୦ରୁ ଉର୍ଦ୍ଧ୍ୱ ସିଲିଣ୍ଡର ଜବତ

ସମ୍ବଲପୁର : (ହି.ସ.)– ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଅଂଚଳରେ ଚାଲୁଥିବା ଅବୈଧ ଏଲପିଜି ଗ୍ୟାସ ରିଫିଲିଂ ଓ କଳାବଜାରୀ ରାକେଟ୍ ର ପର୍ଦ୍ଦାଫାଶ କରିଛି ପୋଲିସ । ଏହି ଘଟଣାରେ ଜଣେ ଯୁବକକୁ ପୋଲିସ ଅଟକ ରଖିଥିବା ବେଳେ ଜଣେ ଅପ୍ରାପ୍ତ ବୟସ୍କକୁ ମଧ୍ୟ ଧରିଛି । ଯୁଯୁମୁରା ଥାନାର କେସ୍ ୮୫/୨୬ ଅନୁସାରେ ୧୨ ତାରିଖ ଭୋର ସମୟରେ ଯୁଯୁମୁରା ଅଂଚଳର ଚର୍ଚ୍ଚିତ ରାଜସ୍ଥାନୀ ଢାବାରେ ପୋଲିସ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରେ ଅବୈଧ ଭାବେ ଏଲପିଜି ଗ୍ୟାସ ରିଫିଲିଂ କାରବାର ଚାଲୁଥିବା ଧରାପଡ଼ିଥିଲା । ତଦନ୍ତରେ ଜଣାପଡ଼ିଛି ଯେ, ଗତ ତିନି ମାସ ଧରି ଗିରିଧାରୀ ରାମଜୀ ନେତୃତ୍ୱରେ ଢାବା ମାଲିକ ସୋହନ ମିଳିତ ଭାବେ ଅବୈଧ ଗ୍ୟାସ କାରବାର କରୁଥିଲେ । ଅଭିଯୁକ୍ତମାନେ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରରୁ ଖାଲି ସିଲିଣ୍ଡରକୁ ଅବୈଧ ଭାବେ ଗ୍ୟାସ ଭରୁଥିଲେ । ପାରାଦୀପରୁ ରାୟପୁର ଓ ଅନ୍ୟାନ୍ୟ ସ୍ଥାନକୁ ଯାଉଥିବା ଗ୍ୟାସ ଭର୍ତି ଟ୍ରକ୍ ଗୁଡ଼ିକ ଏହି ଢାବାରେ ଅଟକୁଥିବା ବେଳେ କେତେକ ଚାଳକଙ୍କ ସହଯୋଗରେ ଏହି ଗ୍ୟାସ ଚୋରାଚାଲାଣ କରାଯାଉଥିଲା । ବର୍ତ୍ତମାନ ଗ୍ୟାସ ଅଭାବର ସୁଯୋଗ ନେଇ ଅଭିଯୁକ୍ତ ମାନେ ନିକଟସ୍ଥ ଢାବା ଓ ହୋଟେଲ ଗୁଡ଼ିକୁ ଚଢା ଦରରେ ଅବୈଧ ଗ୍ୟାସ ସିଲିଣ୍ଡର ବିକ୍ରି କରି ବେଶ୍ ମୋଟା ଅଙ୍କର ଅର୍ଥଲାଭ କରୁଥିଲେ । ଚଢ଼ଉ ସମୟରେ ପୋଲିସ ୪୦ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର, ୨୨ଟି ଘରୋଇ ସିଲିଣ୍ଡର ଏବଂ ସିଜି ୦୭ ବିୱାଇ ୯୨୩୮ ନମ୍ବରର ଏକ ପିକଅପ୍ ଗାଡ଼ି ଜବତ କରିଛି । ଏହି ଘଟଣାରେ ସୁବାଶ ବିଷ୍ଣୋଇ ନାମକ ଜଣେ ୧୯ ବର୍ଷିୟ ଯୁବକକୁ ଅଟକ ରଖିବା ସହ ଜଣେ ଅପ୍ରାପ୍ତ ବୟସ୍କ ପିଲାକୁ ମଧ୍ୟ ଧରିଥିବା ଜଣାପଡ଼ିଛି । ପୋଲିସ ଏହି ଅବୈଧ ଗ୍ୟାସ୍ ଚୋରାଚାଲାଣ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଶ୍ରୀ ଶ୍ରୀ ଶ୍ରୀ ଲୋକନାଥ ବାବା ମନ୍ଦିର ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମନାଥ ସ୍ୱାଭିମାନ ପର୍ବ

ବଲାଙ୍ଗିର : (ହି.ସ.)- ଭାରତୀୟ ସଂସ୍କୃତିର ଅମର ପ୍ରତୀକ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ୧୦୦୦ ବର୍ଷର ଗୌରବ ମୟ ଇତିହାସ ଏବଂ ମନ୍ଦିର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତି ଅବସରରେ ସମଗ୍ର ଦେଶରେ "ସୋମନାଥ ସ୍ୱାଭିମାନ ପର୍ବ" ଭକ୍ତି, ଗର୍ବ ଓ ଆନନ୍ଦର ସହ ପାଳିତ ହେଲା । ଏହି ଅବସରରେ, ବଲାଙ୍ଗୀର ସଦରମହକୁମା ସ୍ଥିତ ପ୍ରଭୁ ଓମ ଶ୍ରୀ ଶ୍ରୀ ଶ୍ରୀ ଲୋକନାଥ ବାବା ମନ୍ଦିର ପରିସରରେ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟାରେ ଆୟୋଜିତ କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶରେ, ଅତ୍ୟନ୍ତ ଉତ୍ସାହ ଓ ଭକ୍ତିପୂର୍ଣ୍ଣ ଭାବରେ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠି, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ପରାସର ବାଗ, ବରିଷ୍ଠ ନାଗରିକ ଓ ସମାଜସେବୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମନ୍ଦିରର ଗୌରବକୁ ସ୍ମରଣ କରିଥିଲେ । ସୋମନାଥ ମନ୍ଦିର କେବଳ ପଥରର ଗଠନ ନୁହେଁ, ଏହା ଭାରତୀୟ ଆସ୍ଥା, ତ୍ୟାଗ ଓ ପୁନର୍ଜୀବନର ଜୀବନ୍ତ ପ୍ରତୀକ । ଅନେକ ଆକ୍ରମଣ, ବିଧ୍ୱଂସ ଓ ପୁନର୍ନିର୍ମାଣର ଇତିହାସ ମଧ୍ୟରେ, ସୋମନାଥ ଆଜି ମଧ୍ୟ ଅଦମ୍ୟ ସ୍ୱାଭିମାନର ସ୍ମାରକ ଭାବେ ଦେଶକୁ ପ୍ରେରଣା ଦେଇଆସୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ଦେଖା ଯାଇଥିଲା । ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ଉପସ୍ଥିତ ଅତିଥିମାନେ ଓ ଶ୍ରଦ୍ଧାଳୁମାନେ ଶ୍ରଦ୍ଧାର ସହ ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜନସାଧାରଣ, ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ସଂଗଠନ ମାନେ ସକ୍ରିୟ ଭାଗ ନେଇଥିଲେ ।

# ବୌଦ୍ଧରେ ସୋମନାଥ ସ୍ୱାଭିମାନ ପର୍ବ ଅତୁଟ ଆସ୍ଥାର ଗୌରବ ଗାଥା ସମାରୋହ ଅନୁଷ୍ଠିତ

ବୌଦ୍ଧ : ଭାରତବର୍ଷର ଅଜେୟ ସଭ୍ୟତାର ପ୍ରତୀକ ଆଧ୍ୟାତ୍ମିକ ଐତିହ୍ୟ, ସଂସ୍କୃତି ଓ ଅଦମ୍ୟ ଆସ୍ଥାର ପ୍ରତୀକ "ସୋମନାଥ ସ୍ୱାଭିମାନ ପର୍ବ – ଅବିନାଶୀ ଆସ୍ଥାର ୧୦୦୦ ବର୍ଷ" ପୂର୍ତି ଅବସରରେ ବୌଦ୍ଧରେ ଏକ ଜିଲ୍ଲାସ୍ତରୀୟ ଭକ୍ତିମୟ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ପ୍ରାଚୀନ ପବିତ୍ର ରାମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନ, ବୌଦ୍ଧ ପକ୍ଷରୁ ଆୟୋଜନ କରାଯାଇଥିଲା । ମନ୍ଦିରରେ ପ୍ରିଦୀପ ପ୍ରଜ୍ୱଳନ ଓ ଯଥାବିଧି ପୂଜାପାଠ କରା ଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ଶ୍ୟାମସୁନ୍ଦର ମହାପାତ୍ର , ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ବିଭିନ୍ନ ବିଭାଗର ଅଧିକାରୀ ମାନେ ଏବଂ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଥିଲେ । ସମାରୋହରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ସମାଗମ ହୋଇଥିଲା । ଏଠାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗୁଜରାଟ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ମୁଖ୍ୟ ଉତ୍ସବର ସିଧା ପ୍ରସାରଣ ବଡ ପରଦାରେ ପ୍ରଦର୍ଶିତ ହୋଇଥିଲା । ଆଜି ଏଥିପାଇଁ ରାମେଶ୍ୱର ମନ୍ଦିର ପରିସରରେ ପୂଜାର୍ଚ୍ଚନା, ଭଜନ କୀର୍ତନ, ଆଲୋକସଜ୍ଜା, ରଙ୍ଗୋଲି, ପୁଷ୍ପ ସଜ୍ଜା ସହିତ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି ସମାରୋହରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ପଦାଧିକାରୀ,ଗଣ ମାଧ୍ୟମର ପ୍ରତିନିଧି, ବିଭିନ୍ନ ଗ୍ରାମର ମହିଳା ମଣ୍ଡଳୀ, ସାଂସ୍କୃତିକ ଦଳ, ଯୁବ ସଂଗଠନ, ସମାଜସେବୀ ସଂସ୍ଥା ଏବଂ ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାମ୍ବାଦିକ ମାନଙ୍କୁ ଏକ ସାକ୍ଷାତ୍କାର ଦେଇ ମୁଖ୍ୟ ସଚେତକ କହିଲେ ଯେ ଆଜି ଦେଶବ୍ୟାପୀ ପାଳିତ ଏହି ବିଶେଷ ଦିନରେ ସୋମନାଥ ମନ୍ଦିରର ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବକୁ ସ୍ମରଣ କରାଯିବା ସହ ଭାରତୀୟ ସଂସ୍କୃତିର ଅକ୍ଷୟ ଆତ୍ମାକୁ ଉଜାଗର କରାଯାଇଛି । ୭୫ ବର୍ଷ ପୂର୍ବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଙ୍କଳ୍ପ ଦ୍ୱାରା ସୋମନାଥ ମନ୍ଦିର ପୁନଃ ନିର୍ମିତ ହୋଇଥିଲା । ଏବେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଏହି ପବିତ୍ର ଭୂମି ଭାରତର ସାଂସ୍କୃତିକ ପୁନରୁଥାନର ଉଦଘୋଷଣା କରୁଛି । ଏହା ଆମ ସ୍ୱାଭିମାନ, ସଂସ୍କୃତି ଓ ମହାନ୍ ପରମ୍ପରା କୁ ଆହୁରି ବିଶ୍ୱବ୍ୟାପୀ କରିବ । ସମାରୋହର ସୁପରିଚାଳନାରେ ଜିଲ୍ଲାର ବିଭିନ୍ନ ବିଭାଗ ଦାୟିତ୍ୱ ନିର୍ବାହ କରିଥିଲେ

# ସର୍ବୋଦୟ ସଂଗଠକ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ମହାସମାରୋହରେ ପାଳିତ

ଭଦ୍ରକ : ସହର ଗରଦପୁର ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଠାରେ ପ୍ରଖ୍ୟାତ ସର୍ବୋଦୟ ସଂଗଠକ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ଙ୍କ ୧୩୧ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇ ଯାଇଛି ।ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଜିଲ୍ଲାରୁ ବହୁ ବିଶିଷ୍ଟ ବକ୍ତା ଯୋଗ ଦେଇ ସ୍ୱର୍ଗତ ଚୌଧୁରୀଙ୍କ ଦେଶ ପ୍ରେମ ସମାଜସେବା ନାରିଶିକ୍ଷା ନିଶା ନିବାରଣ କୁଷ୍ଟ ରୋଗୀଙ୍କ ସେବା ଆର୍ଥିକ ସମତା ରାଷ୍ଟ୍ର ଭକ୍ତି ଓ ଭୂଦାନ ଆନ୍ଦୋଳନ ର ଭୂମିକା ଉପରେ ସ୍ମୃତି ଚାରଣ କରି ଥିଲେ ।

# କନ୍ଧମାଳର ବିଶିଷ୍ଟ ସଙ୍ଗୀତଜ୍ଞ ଓ ଯୁବ କଣ୍ଠଶିଳ୍ପୀ ଅସିତ୍ ନନ୍ଦ

କନ୍ଧମାଳ : (ହି.ସ.)- କନ୍ଧମାଳ ମାଟିର କଳା ଓ ସଂସ୍କୃତିକୁ ନିଜ ସୁମଧୁର କଣ୍ଠଦାନ ମାଧ୍ୟମରେ ଋଦ୍ଧିମନ୍ତ କରିଛନ୍ତି ଜିଲ୍ଲାର ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଅସିତ୍ କୁମାର ନନ୍ଦ, ଆଡସିପଡା ଅଂଚଳରେ ରହୁଥିବା ଜୟ ପ୍ରକାଶ ନନ୍ଦ ଓ କୁନ୍ତୀ ନନ୍ଦଙ୍କ ସୁପୁତ୍ର ଅସିତ୍, ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ଅଟନ୍ତି । ଅସିତ୍ କେବଳ ଜଣେ ଉଚ୍ଚକୋଟିର ଗାୟକ ନୁହନ୍ତି ବରଂ ସେ ଜଣେ ଦକ୍ଷ ସଂଗୀତ ନିର୍ଦ୍ଦେଶକ ଓ ଗୀତିକାର ଭାବେ କନ୍ଧମାଳ ଜିଲ୍ଲା ଏବଂ ରାଜ୍ୟରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ 'ଇଲେକ୍ଟ୍ରୋ ହୋମେଓପାଥି'ରେ ଡିଗ୍ରୀ ହାସଲ କରିଥିଲେ ହେଁ, ପିଲାଟି ଦିନରୁ ସଂଗୀତ ଥିଲା ତାଙ୍କ ଜୀବନର ମୁଖ୍ୟ ବ୍ରତ । ସେ ଶାସ୍ତ୍ରୀୟ ସଂଗୀତରେ 'ସଂଗୀତ ବିଶାରଦ' ଶିକ୍ଷା ସମାପ୍ତ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଗୁରୁ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିବା ବେଳେ, ପରବର୍ତୀ ସମୟରେ ବେତାର ଓ ଦୂରଦର୍ଶନର ପ୍ରତିଷ୍ଠିତ ଗୁରୁ ରାଜେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ନିଜର ସାଧନା ଜାରି ରଖିଛନ୍ତି । ତାଙ୍କର ଏହି ଅତୁଳନୀୟ ପ୍ରତିଭା ପାଇଁ ସେ ବିଭିନ୍ନ ସମୟରେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ୨୦୦୫ ମସିହାରେ ରାଜ୍ୟସ୍ତରୀୟ ସ୍ମାର୍ଟ ଆୱାର୍ଡ୍, ୨୦୦୭ରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ପରିଷଦ ସମ୍ମାନ, ୨୦୧୩ରେ ବନାନୀ ସାରସ୍ୱତ ସମ୍ମାନ ଏବଂ ୨୦୧୯ରେ ରାଷ୍ଟ୍ରୀୟ କଳାମଂଚ ସମ୍ମାନ ତାଙ୍କ ଶିଳ୍ପୀ ଜୀବନର ଶ୍ରେଷ୍ଠତା ପ୍ରତିପାଦନ କରେ । ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଟିଭି ଚ୍ୟାନେଲ ଯଥା- ପ୍ରାର୍ଥନା, ତରଙ୍ଗ ମ୍ୟୁଜିକ୍, କଳିଙ୍ଗ ଟିଭି ଓ ନ୍ୟୁଜ-୭ ଭଳି କାର୍ଯ୍ୟକ୍ରମରେ ସେ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିତିଛନ୍ତି । ୨୦ରୁ ଉର୍ଦ୍ଧ୍ୱ କ୍ୟାସେଟ ଓ ୟୁଟ୍ୟୁବ୍ ଗୀତରେ ସେ କଣ୍ଠଦାନ କରିବା ସହ ୧୦ରୁ ଉର୍ଦ୍ଧ୍ୱ ଗୀତରେ ସଂଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ବିଶେଷ କରି କନ୍ଧମାଳ ମାଟିକୁ ନେଇ ତାଙ୍କର ତିନୋଟି ଜନପ୍ରିୟ ଗୀତ 'ପ୍ରେୟସୀ ମୋ ଫୁଲବାଣୀ', 'କନ୍ଧମାଳ ରଜା' ଏବଂ 'ମୋ କନ୍ଧମାଳ ହସୁଛି' ଶ୍ରୋତାଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି । ନିଜେ ଜଣେ ଶିଳ୍ପୀ ହେବା ସହ ସେ ନୂତନ ପିଢ଼ିକୁ ମଧ୍ୟ ସଂଗୀତ ଶିକ୍ଷା ପ୍ରଦାନ କରୁଛନ୍ତି । ବର୍ତମାନ ପ୍ରାୟ ୨୫ରୁ ଅଧିକ ଛାତ୍ରଛାତ୍ରୀ ତାଙ୍କ ଠାରୁ ସଂଗୀତ ଶିକ୍ଷା ଗ୍ରହଣ କରୁଛନ୍ତି । "ସାରା ଜୀବନ ସଂଗୀତର ଜଣେ ଛାତ୍ର ହୋଇ ରହିବାରେ ହିଁ ପ୍ରକୃତ ଆନନ୍ଦ ମିଳେ" ବୋଲି ଅସିତ୍ ପ୍ରକାଶ କରିଛନ୍ତି । ଜଣେ ନିଷ୍ଠାପର ସଂଗୀତ ସାଧକ ଭାବେ ତାଙ୍କର ଏହି ଯାତ୍ରା କନ୍ଧମାଳ ବାସୀଙ୍କ ପାଇଁ ଗର୍ବର ବିଷୟ ।

# ସପ୍ତମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ସମ୍ବଲପୁରର ସଫଳତା

ସମ୍ବଲପୁର : (ହି.ସ.)- ଗଞ୍ଜାମ ବିଜୁ ପଟ୍ଟନାୟକ ଇନଡୋର ଅଡିଟୋରିୟମରେ ଅନୁଷ୍ଠିତ ସପ୍ତମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ କୁ ୪୧ଟି ପଦକ ମିଳିଛି । ରବିବାର ବିଜୟୀ ଟିମ୍ ସମ୍ବଲପୁର ପହଂଚିବା ପରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ବିଜୟୀ ଟିମ୍ କୁ ସ୍ୱାଗତ କରାଯାଇଛି । କିକ୍ ବକ୍ସିଂ ଆସୋସିଏସନ୍, ସମ୍ବଲପୁର ପକ୍ଷରୁ ଉପସଭାପତି ଭବାନୀଶ ଭୋଇ, ଯୁଗ୍ମ ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତାମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସେହିପରି ଭାରତୀ ସମାଜ ପକ୍ଷରୁ ସହ ସଂଚାଳକ ଅଶୋକ ତ୍ରିପାଠୀ, ଗୋପବନ୍ଧୁ ସେନାପତି, ମହାସଚିବ ଗଦାଧର ନିଆଲ, ସେବା ସଂଯୋଜିକା ଲଳିତା ଭୋଇ, ସାଂସ୍କୃତିକ ସଂଯୋଜକ ଗୁରୁ ରଞ୍ଜିତ ସାହୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରତିଯୋଗିତାରେ ସିନିୟର ବର୍ଗରେ ସୁଭମ୍ ପ୍ରଧାନ ୨ ସ୍ୱର୍ଣ୍ଣ , ୧ ରୌପ୍ୟ,୧ କାଂସ୍ୟ, ପ୍ରଭାସ କୁମାର ପ୍ରଧାନ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ବିମଲ୍ ବେହେରା ୨ କାଂସ୍ୟ, ସିବାଂଶୀ ତ୍ରିପାଠୀ ୩ ରୌପ୍ୟ, ୨ କାଂସ୍ୟ, କନିଷ୍ଠ ବର୍ଗରେ ଶ୍ରେୟାଂସୀ ତ୍ରିପାଠୀ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ କାଂସ୍ୟ, ସରମିଲ ସାହୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ । ସେହିପରି କନିଷ୍ଠ ବର୍ଗରେ ହୀନା ପୁଷ୍ଟି ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ଯଶ ଦାସ ୨ ରୌପ୍ୟ, ୨ କାଂସ୍ୟ, ଶ୍ରେଷ୍ଠା ପାଢି ୧ ରୌପ୍ୟ, ୧ କାଂସ୍ୟ, ସାଇ ସମର୍ଥ ଭୋଇ ୧ କାଂସ୍ୟ, ସାଇ ସୃଷ୍ଟି ଭୋଇ ୨ ରୌପ୍ୟ, ଚାନ୍ଦିନୀ ସାହାଣୀ ୨ କାଂସ୍ୟ, ପ୍ରିନ୍ସ ସାହାଣୀ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ଆରାଧ୍ୟା ପାଢୀ ୧ ରୌପ୍ୟ,୧ କାଂସ୍ୟ, ରୋନିତ କୁମାର ସାହୁ ୧ ସ୍ୱର୍ଣ୍ଣ, ୨ କାଂସ୍ୟ ମୋଟ୍ ୧୫ ଜଣ ପ୍ରତିଯୋଗୀ ୯ ସ୍ୱର୍ଣ୍ଣ - ୧୬ ରୌପ୍ୟ - ୧୬ଟି କାଂସ୍ୟ ପଦକ ହାସଲ କରିଛନ୍ତି । ପ୍ରତିଯୋଗିତାରେ ରେଫରୀ ଭାବରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ ସୁବ୍ରତ ପ୍ରଧାନ ଏବଂ ହେମନ୍ତ ତ୍ରିପାଠୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସମ୍ବଲପୁରୀ ଡେରାରେ ଭିତିଭୂମିର ଅଭାବ ସତ୍ତ୍ୱେ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଆସୋସିଏସନ୍ କୁ ଧନ୍ୟବାଦ ଅର୍ପଣ କରାଯାଇଛି ।



## ବଲାଙ୍ଗିର ସହରରେ ବୃଦ୍ଧି ପାଉଛି ଟ୍ରାଫିକ ସମସ୍ୟା

ବଲାଙ୍ଗିର, (ହି.ସ.) ବଲାଙ୍ଗିର ସହରର ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରୟାସ ସତ୍ତ୍ୱେ, ପରିସ୍ଥିତି ସୁଧୁରିନାହିଁ । ଏହାର ମୁଖ୍ୟ କାରଣ ସ୍ଥାନୀୟ ବ୍ୟବସାୟୀଙ୍କ ମନମାନି ବୋଲି ବିଶ୍ୱାସ କରାଯାଉଛି । ସେମାନେ ସେମାନଙ୍କ ଦୋକାନ ଏବଂ ଷ୍ଟଲ ବାହାରେ ପାର୍କିଂ ସ୍ଥାନଗୁଡ଼ିକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବରେ ବ୍ୟବହାର କରୁଛନ୍ତି । ସେମାନେ ଦୋକାନ ଭିତରେ ଉପଲବ୍ଧ ଜିନିଷ ଅପେକ୍ଷା ରାସ୍ତାରେ ଅଧିକ ଜିନିଷ ପ୍ରଦର୍ଶନ କରନ୍ତି । ଫଳସ୍ୱରୂପ, ଗ୍ରାହକମାନେ ପାର୍କିଂ ସ୍ଥାନ ପାଇବାରେ କଷ୍ଟକର ହେଉଛନ୍ତି ଏବଂ ରାସ୍ତାରେ ସେମାନଙ୍କର ଯାନବାହନ ରଖିବାକୁ ବାଧ ହେଉଛନ୍ତି । ସକାଳୁ ସକାଳୁ, ସମଲେଶ୍ୱରୀ ମନ୍ଦିର ଛକରୁ ଦୈନିକ ବଜାର ପର୍ଯ୍ୟନ୍ତ ଦୋକାନ ସମ୍ମୁଖରେ ବଡ଼ ବଡ଼ ଯାନବାହନ ପାର୍କିଂ ହୋଇ ସମଗ୍ର ରାସ୍ତାକୁ ଅବରୋଧ କରିଦିଏ । ଫଳସ୍ୱରୂପ, ସାରା ସହରରେ ଟ୍ରାଫିକ ଜାମ୍ ଲାଗିରହିଥାଏ । ଏହି ମାମଲାରେ ପୋଲିସ ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଏହି ମାମଲାରେ ପୋଲିସ ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଏହି ମାମଲାରେ ପୋଲିସ ମଧ୍ୟ ବ୍ୟବସାୟୀଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହେଉଛି । ବଲାଙ୍ଗିର ସହର ଯେତେ ସଂଗଠିତ ଦେଖାଯାଉଛି, ଏହା ସମାନ ଭାବରେ ସମସ୍ୟାରେ ପରିପୂର୍ଣ୍ଣ । ଟ୍ରାଫିକ ଜାମ୍ ସହରର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ହୋଇ ଗଲାଣି । ଦୈନିକ ବଜାର, ପୁରୁଣା ସରକାରୀ ବସ୍ ଷ୍ଟାଣ୍ଡ ନିକଟବର୍ତ୍ତୀ ବଜାର ଏବଂ ଗୋପାଳଜୀ ମନ୍ଦିର ରୋଡ୍ ଭଳି ଅଂଚଳଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛି । ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ, କଚାରି ଛକରୁ ପାଟନା ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାରେ ପର୍ଯ୍ୟାପ୍ତ ଯୋଜନା ବିନା ଏକ ଡିଭାଇଡର୍ ନିର୍ମାଣ କରାଯାଇଥିଲା । ରାସ୍ତାଟି ପୂର୍ବରୁ ସଂକୀର୍ଣ୍ଣ ଥିଲା, ଏବଂ ଡିଭାଇଡର୍ ଏହାକୁ ଆହୁରି ସଂକୀର୍ଣ୍ଣ କରିଦେଇଥିଲା, ଏବଂ ଟ୍ରାଫିକ୍ ଭିଡ଼ ବୃଦ୍ଧି ପାଇଥିଲା । ଲୋକମାନେ କହିଛନ୍ତି ଯେ ଜବରଦଖଲ ହଟାଇବା ବିନା ନିର୍ମାଣ କରାଯାଇଥିଲା, ଏବଂ ଜନସାଧାରଣ ଏହାର ପରିଣାମ ଭୋଗୁଛନ୍ତି ।

## ଭୁବନେଶ୍ୱରରେ ହେବ 'କଲରାପତରିଆ ବାଘ ସଂରକ୍ଷଣ' ଶୀର୍ଷକ କାର୍ଯ୍ୟକ୍ରମ

ଭୁବନେଶ୍ୱର: କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବାଘ, ସିଂହ ଆଦି ପ୍ରଜାତିର ସଂରକ୍ଷଣ କ୍ଷେତ୍ରରେ ଭାରତର ନେତୃତ୍ୱକୁ ଦର୍ଶାଇବା ଏବଂ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ (ଓଇଉଇ)ର ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସାରା ଦେଶରେ କେତେକ ବିଷୟଭିତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ଭାରତର ପାଂଚଟି ଜଙ୍ଗଲୀ ବ୍ୟାଘ୍ର ପ୍ରଜାତି - ବାଘ, ଏସୀୟ ସିଂହ, କଲରାପତ୍ରିଆ, ବରଫାଂଚଳରେ ବାସ କରୁଥିବା ଚିତାବାଘ ଏବଂ ଚିତାମାନଙ୍କ ସଂରକ୍ଷଣ ସଂପର୍କରେ ଆୟୋଜନ ହେବ । ଏସବୁ କାର୍ଯ୍ୟକ୍ରମରେ ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ସଂରକ୍ଷଣରେ ଗ୍ରହଣ କରାଯାଇଥିବା ସଫଳତା, ଚ୍ୟାଲେଞ୍ଜ ଏବଂ ସହଯୋଗୀ ପ୍ରୟାସକୁ ପ୍ରଦର୍ଶନ କରିବ । ଏସବୁ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ କରାଯିବ । ଏହାର ଶୀର୍ଷକ ରହିବ କଲରାପତ୍ରିଆ ସଂରକ୍ଷଣ ଓ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମ । ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ ହେଉଛି ଗୁଜରାଟର ଗିର୍ରେ ଏସୀୟ ସିଂହ ସଂରକ୍ଷଣ କାର୍ଯ୍ୟକ୍ରମ, ମଧ୍ୟପ୍ରଦେଶର ଭୋପାଳରେ ଚିତା ସଂରକ୍ଷଣ କାର୍ଯ୍ୟକ୍ରମ, ସିକିମର ଗ୍ୟାଙ୍ଗଟକ୍ରେ ତୁଷାର ଚିତାବାଘ ସଂରକ୍ଷଣ କାର୍ଯ୍ୟକ୍ରମ ଓ ମହାରାଷ୍ଟ୍ର ଚନ୍ଦ୍ରପୁରରେ ବାଘ ସଂରକ୍ଷଣ କାର୍ଯ୍ୟକ୍ରମ ।ଏହି ପ୍ରାକ-ଶିଖର ସମ୍ମିଳନୀ କାର୍ଯ୍ୟକ୍ରମଗୁଡ଼ିକ ସଚେତନତାର ପ୍ରସାର, ଅଂଶୀଦାରଙ୍କ ସମ୍ପୃକ୍ତିକୁ ସୁଦୃଢ଼ କରିବା ଏବଂ ଭାରତ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଅଧୀନରେ ଭାରତର ସଂରକ୍ଷଣ ସଫଳତା କାହାଣୀକୁ ଦର୍ଶାଇବା ପାଇଁ ଡିଜାଇନ୍ କରାଯାଇଛି । ଏସବୁ କାର୍ଯ୍ୟକ୍ରମଗୁଡ଼ିକ ଏହା ମଧ୍ୟ ଦର୍ଶାଇବେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଭାରତର ନେତୃତ୍ୱରେ କିପରି ଆଇବିସିଏ ପରି ଏକ ବୈଶ୍ୱିକ ମେ[ ସ୍ଥାପନ ହୋଇପାରିଛି । ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା କଲରାପତ୍ରିଆ ବାଘ ସଂରକ୍ଷଣ ଓ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମର ଶୀର୍ଷକ ରହିବ 'ମାନବ ଅଧ୍ୟୁଷିତ ବାତାବରଣରେ ସହାବସ୍ଥାନ' । ସାରା ଭାରତର ସର୍ବାଧିକ ବିସ୍ତୃତ ଅଂଚଳରେ ରହୁଥିବା ବ୍ୟାଘ୍ର ପ୍ରଜାତି ହେଉଛି କଲରାପତ୍ରିଆ ବାଘ । ସେମାନେ ପ୍ରାୟତଃ ମାନବ ବସତି ନିକଟବର୍ତ୍ତୀ ଅଂଚଳରେ ବାସ କରନ୍ତି । କଲରାପତ୍ରିଆଙ୍କ ସଂରକ୍ଷଣ ପାଇଁ କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ପଦକ୍ଷେପ ମଧ୍ୟରେ ରହିଛି ମାନବ-ବନ୍ୟପ୍ରାଣୀ ସଂଘର୍ଷ ପ୍ରଶମନ କାର୍ଯ୍ୟକ୍ରମ ଏବଂ ଦ୍ରୁତ ପ୍ରତିକ୍ରିୟା ଦଳ, ଉଦ୍ଧାର ଏବଂ ପୁନର୍ବାସ ଭିତିଭୂମିକୁ ସୁଦୃଢ଼ କରିବା, ସହାବସ୍ଥାନକୁ ପ୍ରୋତ୍ସାହିତ କରୁଥିବା ଜନସଚେତନତା ଅଭିଯାନ, ବନ ବିଭାଗର ଆଗଧାଡ଼ିର କର୍ମଚାରୀଙ୍କ ପାଇଁ କ୍ଷମତା-ନିର୍ମାଣ କାର୍ଯ୍ୟ, ସଂଘର୍ଷପ୍ରବଣ ବ୍ୟକ୍ତିମାନଙ୍କୁ ଟ୍ରାକ୍ ଏବଂ ନିରୀକ୍ଷଣ କରିବା ପାଇଁ ପ୍ରଯୁକ୍ତିର ବ୍ୟବହାର । ଓଡ଼ିଶାର ଜୈବ ବିବିଧତା ସଂରକ୍ଷଣ ପଦକ୍ଷେପଗୁଡ଼ିକ ଇକୋସିଷ୍ଟମ ପୁନରୁଦ୍ଧାର ଏବଂ ସାମୁଦାୟିକ ଅଂଶଗ୍ରହଣ ସହିତ ଆନ୍ତରିକ ଭାବରେ ଜଡିତ ରହିଛି । ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସରେ ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାନବ-ପ୍ରଧାନ ଭୂଦୃଶ୍ୟରେ ସହାବସ୍ଥାନ ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଗୁରୁତ୍ୱ ଦେବ । ଏସବୁ କାର୍ଯ୍ୟକ୍ରମ ଶୃଙ୍ଖଳାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି ଗିର୍ଠାରେ ଏସୀୟ ସିଂହମାନଙ୍କ ସଂରକ୍ଷଣ ଉପରେ କାର୍ଯ୍ୟକ୍ରମ । ଏହାର ଶୀର୍ଷକ ରଖାଯାଇଛି 'ଭାରତର ଅନନ୍ୟ ସଂରକ୍ଷଣ ସଫଳତା' । ଏସୀୟ ସିଂହ କେବଳ ଭାରତରେ ବଂଚି ରହିଛି ଏବଂ ଏହା ବିଶ୍ୱର ସବୁଠାରୁ ସଫଳ ପ୍ରାଣୀ ପ୍ରଜାତି ସଂରକ୍ଷଣ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ । ଏଥିଲାଗି କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ପଦକ୍ଷେପ ମଧ୍ୟରେ ରହିଛି ଦୀର୍ଘକାଳୀନ ସଂରକ୍ଷଣ ଏବଂ ବାସସ୍ଥାନ ବିସ୍ତାର ପାଇଁ 'ପ୍ରୋଜେକ୍ଟ ଲାୟନ୍' କାର୍ଯ୍ୟକାରୀ ହେବା, ବୈଜ୍ଞାନିକ ପଦ୍ଧତିରେ ସିଂହସଂଖ୍ୟା ନିରୀକ୍ଷଣ ଏବଂ ରୋଗ ନିରୀକ୍ଷଣ ବ୍ୟବସ୍ଥା, ବୃହତର ଗିର୍ ଭୂଖଣ୍ଡ ମଧ୍ୟରେ ବାସସ୍ଥାନ ଉନ୍ନତି ଏବଂ ଶିକାର ଉପଲବ୍ଧତା ବୃଦ୍ଧି, ଗିର୍ ସୁରକ୍ଷିତ କ୍ଷେତ୍ର ବାହାରେ ଆଖପାଖ ଭୂଦୃଶ୍ୟରେ ସିଂହଗୁଡ଼ିକର ବିତରଣ, ସଂଘର୍ଷ ହ୍ରାସ ପାଇଁ ଉଦ୍ଧାର ଏବଂ ଦ୍ରୁତ ପ୍ରତିକ୍ରିୟା ଦଳ, ପ୍ରଜାତି ସଂରକ୍ଷଣରେ ମାଲଧାରୀ ଭଳି ସମ୍ପ୍ରଦାୟର ଭୂମିକା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ପଶୁପାଳନ କ୍ଷତିପୂରଣ ବ୍ୟବସ୍ଥା ପାଇଁ ଗୁଜରାଟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ । ଅନ୍ୟପକ୍ଷରେ ମହାରାଷ୍ଟ୍ରର ଚନ୍ଦରପୁରରେ ହେବାକୁ ଥିବା ବାଘ ସଂରକ୍ଷଣ ସଂପର୍କିତ କାର୍ଯ୍ୟକ୍ରମର ଶୀର୍ଷକ ରହିଛି 'ଭାରତୀୟ ବନ ସଂରକ୍ଷଣର ମୁଖ୍ୟ ପ୍ରତୀକ' । ଭାରତର ବାଘ ମାନଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଭାରତର ଉଲ୍ଲେଖନୀୟ ସଫଳତା ଓ ସେମାନଙ୍କ ବାସସ୍ଥଳୀ ଓ କରିଡର ସୁରକ୍ଷା ଦିଗର ନିଆଯାଉଥିବା ପଦକ୍ଷେପକୁ ଏହି କାର୍ଯ୍ୟକ୍ରମ ଦର୍ଶାଇବ । ଭାରତରେ ବିଶ୍ୱର ୭୦ ପ୍ରତିଶତରୁ ଅଧିକ ଜଙ୍ଗଲୀ ବାଘ ବାସ କରନ୍ତି ଏବଂ ପ୍ରୋଜେକ୍ଟ ଟାଇଗର ଏବଂ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ଅଧୀନରେ ନିରନ୍ତର ପ୍ରୟାସ ମାଧ୍ୟମରେ ବାଘ ସଂରକ୍ଷଣରେ ବିଶ୍ୱସ୍ତରରେ ଏକ ଅଗ୍ରଣୀଦେଶ ଭାବରେ ଉଭା ହୋଇଛି । ସେହିପରି ହିମ ଚିତାବାଘ ସଂପର୍କରେ ସିକ୍କିମରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମର ଶୀର୍ଷକ ରହିଛି ' ହିମାଳର ପ୍ରହରୀ' । ହିମାଳୟ ବାତାବରଣର ସ୍ୱାସ୍ଥ୍ୟ ସୂଚକ ହେଉଛି ହିମାଳୟ ଚିତାବାଘ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ବାସସ୍ଥାନ ଅବକ୍ଷୟ ଯୋଗୁଁ ସେମାନେ ବିପଦର ସମ୍ମୁଖୀନ ହେଉଛନ୍ତି । ଏହି କାର୍ଯ୍ୟକ୍ରମ ନଷ୍ଟ ହେଉଥିବା ହିମାଳୟ ବାତାବରଣର ସୁରକ୍ଷା ଓ ହିମ ଚିତାବାଘଙ୍କ ସୁରକ୍ଷାରେ ସ୍ଥାନୀୟ ସମୁଦାୟଙ୍କ ଭୂମିକା ଉପରେ ଗୁରୁତ୍ୱ ରଖିବ । ଚିତାବାଘ ଉପରେ ଆୟୋଜିତ ଭୋପାଳରେ ହେବାକୁ ଥିବା କାର୍ଯ୍ୟକ୍ରମର ଶୀର୍ଷକ ହେଉଛି 'ଭାରତର ତୃଣଭୂମି ପରିସ୍ଥିତିତନ୍ତ୍ରର ପୁନରୁଦ୍ଧାର' । 'ପ୍ରୋଜେକ୍ଟ ଚିତା' ଅଧୀନରେ, ଭାରତ ବୃହତ୍ ମାଂସାଶୀ ପ୍ରାଣୀଙ୍କ ଲାଗି ବିଶ୍ୱର ପ୍ରଥମ ଆନ୍ତଃମହାଦେଶୀୟ ସ୍ଥାନାନ୍ତର ପ୍ରକଳ୍ପ କାର୍ଯ୍ୟକାରୀ କରିଛି । ଭାରତ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ, ବିଶ୍ୱବ୍ୟାପୀ ସାତଟି ପ୍ରମୁଖ ବ୍ୟାଘ୍ର ପ୍ରଜାତି ସଂରକ୍ଷଣ ପାଇଁ ବିଶ୍ୱବ୍ୟାପୀ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି । ଏଦିଗରେ ପ୍ରସ୍ତାବିତ ବିଷୟଭିତିକ କାର୍ଯ୍ୟକ୍ରମଗୁଡ଼ିକ ବିଭିନ୍ନ ପ୍ରସଙ୍ଗରେ ଗୋଟିଏ ଗୋଟିଏ ମଂଚଭାବେ କାର୍ଯ୍ୟ କରିବ । ସେଗୁଡ଼ିକ ମଧ୍ୟରେ ରହିଛି ବଡ଼ ବିଲେଇ ସଂରକ୍ଷଣ ଉପରେ କେନ୍ଦ୍ରିତ ପ୍ରଥମ ପ୍ରକାରର ବିଶ୍ୱବ୍ୟାପୀ ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରିବା, ବ୍ୟାପୀ ସହଯୋଗକୁ ପ୍ରୋତ୍ସାହିତ କରିବା, ସଂରକ୍ଷଣ ସମ୍ବନ୍ଧୀୟ ଜ୍ଞାନ ଆଦାନପ୍ରଦାନ, ନୀତିଗତ ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱ, ଜନସଚେତନତା ବୃଦ୍ଧି କରିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣରେ ଭାରତର ନେତୃତ୍ୱକୁ ସୁଦୃଢ଼ କରିବା । ଏହି କାର୍ଯ୍ୟକ୍ରମଗୁଡ଼ିକ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ବନ ବିଭାଗ, ଏନଟିସିଏ, ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ, ଜାତୀୟ ଜୈବ ବିବିଧତା ପ୍ରାଧିକରଣ, ଭାରତୀୟ ବନ ପରିଚାଳନା ସଂସ୍ଥାନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହଯୋଗରେ ଆୟୋଜନ କରାଯାଉଛି ।

## ଶୋଭନୀୟ 'ଦେବକନ୍ୟା'ର ବିବାହ ଉତ୍ସବ



ଭୁବନେଶ୍ୱର/କଟକ ତା ୧୩.୦୫ ରିଖ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ 'ପୂଜ୍ୟଶ୍ରୀ କୁମାର ଭାଇଙ୍କ'ଦ୍ୱାରା ପ୍ରତିଷ୍ଠିତ କଟକ ବିଡ଼ାନାସୀ ସ୍ଥିତ ଦେବଶିଶୁ-ଶୋଭନୀୟ ଶିଶୁ ଯତ୍ନ କେନ୍ଦ୍ରରେ ବଢ଼ିଥିବା ପିତୃ-ମାତୃହରା କଲ୍ୟାଣୀୟା 'ପିଙ୍କି'ର ନୂଆସାହି ନିବାସୀ ମାତା ରଶ୍ମିତା ଦାସ ଓ ପିତା ସହଦେବ ଦାସଙ୍କ ପୁତ୍ର ଆୟୁଷ୍ମାନ୍ 'ପପୁନ୍'ଙ୍କ ସହିତ ଶୁଭ ବିବାହ ଅନୁଷ୍ଠିତ ହୋଇଯାଇଅଛି । ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିବାହ ଉତ୍ସବରେ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଡଃ ସୁବୋଧ କୁମାର ରାଉତରାୟ ଓ ଶ୍ରୀମତୀ ବିଜୟଲକ୍ଷ୍ମୀ ଜେନା କନ୍ୟାଦାନ କରିଥିଲେ । ସ୍ଥାନୀୟ ବିଧାୟିକା ଇଂ. ସୋଫିଆ ଫିରଦୋଷ, ମା' ଶାରଦା ଦେବୀ, ସି.ଡବ୍ଲ୍ୟୁ.ସି ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ, ସଦସ୍ୟା ମନ୍ଦାକିନୀ ଜେମା, ପ୍ରଗତି ମହାନ୍ତି, ଶିକ୍ଷାବିତ୍ ବିଜୟ କୁମାର ନାଥ, ସମାଜସେବୀ ମୁନା ଜୈନ, ପ୍ରଦୀପ ଜେନା, ଇଂ. ଦୟାନିଧି ରାଉତ, ସମାଜବିଜ୍ଞାନୀ ନିରାକାର ବେଉରା, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଇଂ. ସୁବାସ ରାଉତରାୟ, ଆଇନ୍ ?ଜୀବୀ ଗୀତାଞ୍ଜଳି ବେହୁରା, ବୁଟୁ ବାବୁ, ରବିନ୍ଦ୍ର ବେହେରା ଓ ବହୁ ଶୁଭେଚ୍ଛୁ ଏହି ଅବସରରେ ବର କନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଶୋଭନୀୟ ଆନ୍ଦୋଳନର ବରିଷ୍ଠ କର୍ମକର୍ତ୍ତା ମିନତୀ ଦେବୀ, ଉର୍ମିଳା ଗୁରୁମା, ମନୋରମା ଦେବୀ, ବରଦା ଦେବୀ, ମମତା ଗୁରୁମା , କେଦାରଲକ୍ଷ୍ମୀ ଦାସ ଓ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ । ଏଥିସହ ନୂଆଦିଲ୍ଲୀରୁ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଜଗାକାଳିଆ ଫାଉଣ୍ଡେସନର ପ୍ରତିଷ୍ଠାତା ଉମାକାନ୍ତ ଜେନା, ଲଣ୍ଡନରୁ ଡଃ ଭାଗ୍ୟଶ୍ରୀ ସିଂ, କଲିକତାରୁ ଶିଖା ସାନ୍ୟାଲ, ପ୍ରଦ୍ୟୁମ୍ନ ଶତପଥୀ ,ସୁପ୍ରିମ କୋର୍ଟର ଆଇନ୍ ?ଜୀବୀ ସୌମ୍ୟଜୀତ ପାଣି, ଡଃ ବିନୋଦିନୀ ଦେବୀ, ପ୍ର. ବନ୍ଦିତା ଦାଶ, ପୂର୍ବତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି, ନୀନା ଦାସ ମହାନ୍ତି, ନିଶାନ୍ତ ଦାସ, ପଙ୍କଜିନୀ ଉପାଧ୍ୟାୟ, ଗୀତାଞ୍ଜଳି ସ୍ୱାଇଁ, କାଦମ୍ବିନୀ ପାତ୍ର, ରାଜରାଣୀ ତ୍ରିପାଠୀ, କଳ୍ପନା ସେଠ, ବିଦ୍ୟୁଲତା ଶତପଥୀ, ମମତା ମଲ୍ଲ, ସୁଧାଂଶୁବାଳା ପଣ୍ଡା, ମମତାମୟୀ, ମଧୁସ୍ମିତା ପଣ୍ଡା, ଲତିକା ମହାପାତ୍ର , ଗୁରୁଜୀ ବରୁଣ ମହାନ୍ତ, ଅକ୍ଷୟ ଶତପଥୀ, ଅନିଷ୍ଠା ଚୌଧୁରୀ, ଜ୍ୟୋତ୍ସ୍ନାମୟୀ ବଳ ଏବଂ ଗୁରୁବାବୁ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ । ଶୋଭନୀୟ ଆନ୍ଦୋଳନର ସଭ୍ୟସଭ୍ୟା, ବିଭିନ୍ନ ଶୋଭନୀୟ ଶିକ୍ଷାଶ୍ରମର ଗୁରୁମା, ଗୁରୁଜୀ, ଅନ୍ତେବାସୀ ଦେବଶିଶୁ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଅଲିଅଳି କନ୍ୟା ପିଙ୍କି ପିଲାଦିନୁ ଶୋଭନୀୟ ଶିକ୍ଷାଶ୍ରମରେ ରହି ବି.ଏ., ବି.ଏଡ୍ ଆଦି ଯୋଗ୍ୟତା ଅର୍ଜନ କରିବା ସହିତ ଆତ୍ମନିର୍ଭରଶୀଳ ହୋଇ ପାରି ଥିବାରୁ ଉପସ୍ଥିତ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ ।

## ବିଷ୍ଣୁମୁଣ୍ଡାରେ ନୂଆ ଜିଲ୍ଲାପାଳ ଅଫିସ ମିନି ସଚିବାଳୟ ଢାଂଚାରେ ହେବ ତିନି ମହଲା କୋଠା ପ୍ଲାନିଂରେ ଅତ୍ୟାଧୁନିକ ସେବା ସହ ଥାନା

ବଲାଙ୍ଗିର,(ହି.ସ.) : ସ୍ଥାନୀୟ ବିଷ୍ଣୁ ମୁଣ୍ଡାଠାରେ ହେବ ପ୍ରସ୍ତାବିତ ନ୍ୟୁ- କଲେକ୍ଟୋରେଟ ବା ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ । ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାନିଂ ଏବଂ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି । ବିଭାଗ ପକ୍ଷରୁ ପ୍ରସ୍ତୁତ ନକ୍ସା ଅନୁଯାୟୀ ଭବିଷ୍ୟତକୁ ନଜରରେ ରଖି ପ୍ରାୟ ୧୪ ଏକର ଜମି ଅଧିଗ୍ରହଣ କରାଯିବ । ସେଥିରୁ ପ୍ରାୟ ୩.୯୨୫ ଏକର ଜମିରେ ହେବାକୁ ଥିବା ଏହି ଅତ୍ୟାଧୁନିକ କୋଠାଟି ତିନି ମହଲା(ଜି-୩) ବିଶିଷ୍ଟ ହେବ । ଏହାବାଦ୍ ୮୨୬ ବର୍ଗମିଟର ଅଂଚଳରେ ଏକ ଦୁଇ ମହଲା ବିଶିଷ୍ଟ ଅତିଥି ଭବନ ଏବଂ ୮୨୩ ବର୍ଗମିଟର ଜମିରେ ଏକ ଦୁଇ ମହଲା ବିଶିଷ୍ଟ ପୁଲିସ ଷ୍ଟେସନ ରହିବାର ବ୍ୟବସ୍ଥା କରାଯାଇଛି । କେବଳ ଏତିକି ନୁହେଁ, ଏହି କ୍ୟାମ୍ପସରେ ଏକ ପ୍ରସ୍ତୁତ ହ୍ୟାଲିପେଡ଼ର ବ୍ୟବସ୍ଥା ମଧ୍ୟ କରାଯାଉଛି ।

ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଏହି ଗୋଟିଏ କୋଠାରେ ରହିବ । କୋଠା ପାଇଁ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ତେବେ ଜୁନ ସୁଦ୍ଧା ଡିପିଆରକୁ ଅନୁମୋଦନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି ।

ଡିଡିଆର ଅନୁଯାୟୀ, ମିନି - ସେକ୍ରେଟେରିଏଟ ଢାଂଚାରେ ହେବାକୁ ଥିବା ଏହି କୋଠାର ମଧ୍ୟଭାଗରେ ଜିଲ୍ଲାପାଳଙ୍କ ଚାମ୍ବର, ଏଡିଏମଙ୍କ ଚାମ୍ବର, ଏନଆଇସି ବୈଠକ କକ୍ଷ, ଅଭିଯୋଗ ହଲ୍, କୋର୍ଟ ରୁମ୍, ରେକର୍ଡ ରୁମ୍, ପ୍ରତୀକ୍ଷାଳୟ, ସିଡ଼ି, ଲିଫ୍ଟ ଏବଂ ମହିଳା ଓ ପୁରୁଷ ଶୌଚାଳୟ ବ୍ଲକ ରହିବ । ପ୍ରଥମ ମହଲାରେ ବିଭାଗୀୟ ଶାଖା ଯଥା ତାଉଜି, ରାଜସ୍ୱ ପ୍ରତିଷ୍ଠାନ, ସାଧାରଣ, ନିଜାରତ, ଜରୁରୀକାଳୀନ, ନ୍ୟାୟିକ, ନିର୍ବାଚନ, ଶାଖା ସମେତ ଶୌଚାଳୟ ଇତ୍ୟାଦି ରହିବ । ଦ୍ୱିତୀୟ ମହଲାରେ ଜମି ଅଧିଗ୍ରହଣ, ଜନଗଣନା,

ମଙ୍ଗଳ କାର୍ଯ୍ୟାଳୟ, ସଂଚୟ ଅଧିକାରୀ କାର୍ଯ୍ୟାଳୟ, ସମ୍ମିଳନୀ ହଲ୍ ଆଦି ରହିବ । ସେହି ପରି ତୃତୀୟ ମହଲାରେ ମଧ୍ୟ ବିଭିନ୍ନ କାର୍ଯ୍ୟାଳୟ ରହିବ । ଏହାବଦ ନିକଟରେ ଏକ ପୁଲିସ ଷ୍ଟେସନ ରହିବ । ଯେଉଁଥିରେ ମାର୍ଗଦର୍ଶିକା ଅନୁଯାୟୀ ମହିଳା ଏବଂ ଶିଶୁ ଡେସ୍କ, ଭିଏଚଏଫ ରୁମ, ସିସିଟିଏନଏସ, ରାଡାର, ବାରାକ, ମାଲଖାନା, ଶୌଚାଳୟ ରହିବ । ଏହାବାଦ ପାଖରେ ଦୁଇମହଲା ବିଶିଷ୍ଟ ଏକ ଅତିଥି ଭବନ ହେବ । ଯେଉଁଥିରେ ପାର୍କିଂ, ପ୍ରତୀକ୍ଷାଳୟ, ଗୋଟିଏ ସ୍କୁଲ ଏବଂ ୫ଟି ଅତିଥି କକ୍ଷ ରହିବ । ଏହାବାଦ୍ କାର୍ଯ୍ୟାଳୟକୁ ସ୍ୱତନ୍ତ୍ର ପ୍ରବେଶ ଏବଂ ପ୍ରସ୍ଥାନ ରାସ୍ତା ରହିବ । ସମ୍ପୂର୍ଣ୍ଣ କୋଠାଟି ଅଗ୍ନି ନିରାପତା ମାନଦଣ୍ଡ ଅନୁଯାୟୀ ହାଇଡ୍ରା[ ସିଷ୍ଟମ, ଅଗ୍ନି ନିର୍ବାପକ, ଆଲାରାମ, ସ୍ୱୟଂଚାଳିତ ସ୍ପ୍ରିଙ୍କଲର ସିଷ୍ଟମ, କ୍ୟାମେରା ଲାଗିବ । ଯାହା କୋଠାର ସୁରକ୍ଷା ଏବଂ ସ୍ଥାୟିତ୍ୱକୁ ବଜାୟ ରଖିବ ବୋଲି କୁହାଯାଇଛି ।

## ହୋଟେଲ୍ ଓ ଜଳଖିଆ ଦୋକାନରେ ବଢୁଛି ଘରୋଇ ଗ୍ୟାସର ବ୍ୟବହାର

ଜୟପୁର, (ହି.ସ.) -ରାଜ୍ୟରେ ରନ୍ଧନ ଗ୍ୟାସର ଘୋର ଅଭାବ ଯୋଗୁ ସାଧାରଣ ଉପଭୋକ୍ତ ମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ଅପରପକ୍ଷରେ କୋରାପୁଟ ଜିଲା ଜୟପୁର, ବୈପାରିଗୁଡା ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା ସହର ବଜାରର ରାସ୍ତାକଡରେ ଥିବା ଉଠା ଜଳଖିଆ ଦୋକାନ, ହୋଟେଲ୍, ବିବାହ ମଣ୍ଡପ ଗୁଡିକରେ ଘରୋଇ ଗ୍ୟାସ ବ୍ୟାପକ ବ୍ୟବହାର କରଯାଉଛି । ଏଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି । ଅପରପକ୍ଷରେ ଗ୍ୟାସ ଡିପୋରେ ଗ୍ୟାସ ସିଲିଣ୍ଡର ମହଜୁତ ନଥିବାରୁ ଉପଭୋକ୍ତାମାନଙ୍କର ଲମ୍ଭା ଧାଡି ଲାଗୁଛି ।ରାଜ୍ୟସରକାର ଗ୍ୟାସର କଳାବଜାରିକୁ ରୋକିବାରେ ବିଫଳ ହୋଇଛନ୍ତି । ସହର ଅଥବା ଗ୍ରାମାଂଚଳରେ ଥିବା ମଣ୍ଡପ ଗୁଡିକରେ ଏକାଧିକ ଘରୋଇ ଗ୍ୟାସ ସିଲିଣ୍ଡର ବିବାହ ଭୋଜିରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ଯୋଗାଣ ବିଭାଗ ଜାଣି ଅଜଣାର ରହୁଥିବା ଲକ୍ଷ୍ୟ କରାଯାଇଛି । ସାଧାରଣ ଲୋକ ହଇରାଣ ହେଉଥିଲା ବେଳେ କାହା ସ୍ୱାର୍ଥରେ ଯୋଗାଣ ବିଭାଗ ବେଆଇନ ସିଲିଣ୍ଡର ବ୍ୟବହାର କରୁଥିବା ଉଠା ଜଳଖିଆ ଦୋକାନ, ହୋଟେଲ, ମଣ୍ଡପ ଗୁଡିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନେଇ ପ୍ରଶ୍ନ ଉଠୁଛି । ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଚଢାଉ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ସର୍ଟ ସର୍କିଟ ଯୋଗୁଁ ଜଳିଗଲା ସରକାରୀ ଓଜନ କଂଟାର କଂଟିନର

ଚମ୍ପୁଆ, (ହି.ସ.) - ସର୍ଟ ସର୍କିଟ ଯୋଗୁଁ ଜଳି ପଡ଼ି ପାଉଁସ ହୋଇଗଲା ସରକାରୀ ଓଜନ କଂଟାର କଂଟିନର । କଂଟିନରରେ ଦୀର୍ଘ ବର୍ଷରୁ ଥିବା ଟିପି ଓ ଚାଲାଣ ସବୁ ଜଳି ପଡ଼ି ଛାରଖାର ହୋଇଯାଇଛି । ରାସ୍ତା ସମ୍ପୂର୍ଣ୍ଣ ଟ୍ରାଫିକ ଜାମ ଥିବା ହେତୁ ସଠିକ ସମୟରେ ପହଂଚି ପାରିନଥିଲା ଦମକଳ ବାହିନୀ । ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ କାଳିମାଟି ଠାରେ ଥିବା ସରକାରୀ ଓଜନ କଂଟାରେ କର୍ମଚାରୀ ମାନେ ହଠାତ୍ ଧୂଆଁ ଉଠିବାର ଦୃଶ୍ୟ ଦେଖିବାକୁ ପାଇଥିଲେ । ଫଳରେ ପାଖରେ ଥିବା ଆର୍ସେଲର ମିତଲ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ଦମକଳ ବାହିନୀଙ୍କୁ ପଠାଇବା ପାଇଁ ଅନୁରୋଧ କରିଥିଲେ । ସଙ୍ଗେ ସଙ୍ଗେ କମ୍ପାନୀ ଦମକଳ ବାହୀନି ଗାଡ଼ି ଟିକୁ ପଠେଇ ଥିଲେ ମଧ୍ୟ ରାସ୍ତା ସମ୍ପୂର୍ଣ୍ଣ ଟ୍ରାଫିକ ଜାମ ଥିବା ହେତୁ ସଠିକ ସମୟରେ ପହଂଚି ପାରିନଥିଲା ।

## ଗରିବ ମେଧାବୀ ଛାତ୍ରୀଙ୍କ ପାଠ ପଢା ପାଇଁ ଆଗକୁ ଆସିଲା ଉତ୍କଳ ସମ୍ବାଦିକ ସଂଘ

ମାଲକାନଗିରି(ହି.ସ.) ସମାଜ ର ବିଭିନ୍ନ ସମସ୍ୟାକୁ ଲୋକ ଲୋଚନକୁ ଆଣିବା ସହ ସମାଜ ସେବା ମୂଳକ କାର୍ଯ୍ୟ କରିବା ସାମ୍ବାଦିକଙ୍କ ଦାୟିତ୍ୱ । ଏହି ଉକ୍ତି କୁ ସତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ । ଆଜି ଏହି ସାମ୍ବାଦିକ ସଂଘ କ୍ଷରୁ ଜିଲ୍ଲାର ଜଣେ ଗରିବ ଓ ମେଧାବୀ ଛାତ୍ରୀଙ୍କୁ ଆଗକୁ ପଢ଼ିବା ପାଇଁ ସହାୟତାର ହାତ ବଢ଼ା ଯାଇଛି । କାଦୁଅରେ ପଦ୍ମ ଫୁଟିବା ଭଳି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲୀ ପଂଚାୟତର ଏମପିଭି ୮ ଗ୍ରାମର ଚାନ୍ଦିନୀ ବାକଚୀ ଚଳିତ ବର୍ଷ ଦଶମ ପରୀକ୍ଷାରେ ଏ ୧ ଗ୍ରେଡ ହାସଲ କରିଥିଲେ । ମାଲକାନଗିରି ଜିଲ୍ଲା ବ୍ୟାପୀ ବିଭିନ୍ନ ସ୍ଥାନରୁ ମୋଟ ୨୨ ଜଣ ଛାତ୍ରଛାତ୍ରୀ ଏ ୧ ଗ୍ରେଡ ହାସଲ କରିଥିବା ବେଳେ ଚାନ୍ଦିନୀ ଏହି ତାଲିକାରେ ସ୍ଥାନ ପାଇଥିଲେ । ତେବେ ଚାନ୍ଦିନୀଙ୍କ କାହାଣି ନିଆରା ଓ ସଂଘର୍ଷମୟ । ଗରିବ ପରିବାରରେ ରହି ପ୍ରତିକୂଳ ପରିସ୍ଥିତିରେ ବି ନିଷ୍ଠା ଓ ଏକାଗ୍ରତାର ସହ ପାଠ ପଢି ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଥିଲେ ଚାନ୍ଦିନୀ । ଏଥିରେ ୯୧ ପ୍ରତିଶତ ନମ୍ବର ରଖି ଚାନ୍ଦିନୀ ସଫଳତା ହାସଲ କରିଥିଲେ ସତ ହେଲେ ତାଙ୍କର ଏହି ସଫଳତା ଦେଖିବା ଆଗରୁ ବାପା ସମୀର ଆର ପାରିକୁ ଚାଲି ଯାଇଥିଲେ । କର୍କଟ ରୋଗରେ ପୀଡ଼ିତ ସମିରଙ୍କ ସେବା ଓ ଚିକିତ୍ସା ରେ ପରିବାର ସର୍ବସ୍ୱାନ୍ତ ହୋଇଥିଲା । ଚାନ୍ଦିନୀଙ୍କ ସଫଳତା ପରିବାର ପାଇଁ ଖୁସି ଆଣିଥିଲେ ମଧ୍ୟ ବାପାଙ୍କ ମୃତ୍ୟୁ ଓ ପରିବାର ସ୍ଥିତି ଆଗରେ ଏହି ଖୁସି ସତେ ଯେମିତି ମଉଳି ଯାଇଥିଲା । ଏପରି ସ୍ଥିତିରେ ଦୁଇ ଓଳା ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଥିବା ଏହି ପରିବାର, ମେଧାବୀ ଚାନ୍ଦିନୀ ଙ୍କ ପାଠ ପଢ଼ା ପାଇଁ ଅର୍ଥ ଯୋଗାଡ କରିବାରେ ଅକ୍ଷମ ହୋଇ ପଡ଼ିଥିଲା । ଫଳରେ ଜଣେ ମେଧାବୀ ଛାତ୍ରୀଙ୍କ ଲକ୍ଷ ଓ ସଫଳତାର ଯାତ୍ରା ଉପରେ ରୋକ୍ ଲାଗିବା ଭଳି ସ୍ଥିତି ଉପୁଜିଥିଲା । ଏଭଳି ପ୍ରତିକୂଳ ପରିସ୍ଥିତିରେ ଚାନ୍ଦିନୀଙ୍କ ପ୍ରେରଣାଦାୟୀ ଯାତ୍ରାକୁ ସୁଗମ କରିବା ନିମନ୍ତେ ଆଗକୁ ଆସିଛି ମାଲକାନଗିରି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘ । ଚାନ୍ଦିନୀଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ସହ ସମସ୍ତ ପ୍ରକାରର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଦସ୍ୟ ମାନେ । ଏଥିପାଇଁ ଆଜି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ଉ ସଭାପତି ପ୍ରଶାନ୍ତ ସାହୁ ଓ କାଲିମେଳା ବ୍ଲକ ସଭାପତି ଟି ସତ୍ୟନାରାୟଣ ସୁବୁଦ୍ଧିଙ୍କ ନେତୃତ୍ୱରେ ସଂଘର ଅନେକ ସଦସ୍ୟ ଏମଭି ୮ ଗ୍ରାମରେ ପହଂଚି ଚାନ୍ଦିନୀ ବାକଚୀ ଓ ତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ପ୍ରାଥମିକ ପର୍ଯ୍ୟାୟରେ ସଂଘ ପକ୍ଷ୍ୟରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଥିଲେ । ଏହା ସହ ସେ ଆଗକୁ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଏନେଇ ମଧ୍ୟ ତାଙ୍କୁ ସହଯୋଗ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହା ସହ ତାଙ୍କ ପରିବାର ପାଇଁ ସରକାରୀ ସ୍ତରରେ ସହାୟତା ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ସଂଘର ସଦସ୍ୟ ବିଦ୍ୟୁତ୍ ବୈରାଗୀ, ଶିବବ୍ରତ ଦାଶ,ସୌରଭ ମଣ୍ଡଳ, ଉତ୍ତମ ସରକାର , ସୁଧାଂଶୁ ମହାନ୍ତି, ରାଜେଶ୍ ବେପାରୀ ପ୍ରମୁଖ ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପୁର୍ବତନ ବିଧାୟକ ଆୟୁବ ଖାନ ଙ୍କ ବିୟୋଗ ରେ ବିଧାୟକ କଳିକେଶ ଙ୍କ ଶୋକ

ବଲାଙ୍ଗିର,(ହି.ସ.) ଆଜି କଂଟାବାଞ୍ଜି ପୁର୍ବତନ ବିଧାୟକ ଆୟୁବ ଖାନ ଙ୍କ ବିୟୋଗ ରେ ବଲାଙ୍ଗିର ବିଧାୟକ କଳିକେଶ କଳିକେଶ ନାରାୟଣ ସିଂହଦେଓ ଗଭିର ଶୋକ ପ୍ରକାଶ କରିଛନ୍ତି । ୨୦୦୪ ରେ ଓଡ଼ିଶା ବିଧାନ ସଭା କୁ ଅମେ ଦୁହେଁ ଏକ ସାଙ୍ଗରେ ନିର୍ବାଚିତ ହୋଇ ବଲାଂଗିର ଜିଲ୍ଲା ରେ କାମ କରିବାକୁ ସୁଯୋଗ ପାଇ କାମ କରିଥିଲୁ । ତାଙ୍କର ବିୟୋଗ ଆମକୁ ମର୍ମାହତ କରୁଛି ତାଙ୍କର ପାରିବାର ଓ ଶୁଭେଚ୍ଛୁ ମାନଙ୍କୁ ସମବେଦନା ଜ୍ଞାନ କରି ସାମାଜିକ ଗଣମାଧ୍ୟମ ଏକ୍ସ ରେ ଏକ ବାର୍ତ୍ତା ଦେଇ ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an Affidavit Sworn before the Executive Magistrate Baripada, dated 20.03.2026. I Geeta Kalia, aged about 62 years, W/o: Prakash Kalia and D/O: Narayana Mohanty resident of Ward No: 02 Bhanjpur Po/Ps: Bhanjpur, Dist: Mayurbhanj, Odisha, Pin-757002, declare that all educational certificate my name has been mentioned Geeta Mohanty D/o: Narayana Mohanty. After my marriage with Prakash Kalia my surname has been changed from Mohanty to Kalia. And my Aadhar Card, Pan Card where my name mentioned as Geeta Kaila.

Geeta Mohanty and Geeta Kalia is one and same belongs to myself.

Sd/-
Geeta Kalia

# ଓଡ଼ିଶା ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ଗ୍ରାମବାସୀ ଓ ପୁରୁଣା କର୍ମଚାରୀଙ୍କ ଧାରଣା ଜାରୀ

ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ଜିଲ୍ଲା ମରାକୁଟା ପଂଚାୟତ ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନା ସମ୍ମୁଖରେ ବୁଧୁବାର ଜମେରା, ମରାକୁଟା, ଏଚ କ[ାପାଲି ଗ୍ରାମ ପଂଚାୟତ ର ଗ୍ରାମବାସୀ ଙ୍କ ସହିତ ପୁରୁଣା କର୍ମଚାରୀ ମାନେ ସକାଳୁ ଧାରଣା ରେ ବସିଥିଲେ ।କିନ୍ତୁ ସମସ୍ୟା ଗୁଡିକ ର ସମାଧାନ ପାଇଁ ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ର କୌଣସି ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା ପାଇଁ ଆସି ନ ଥିବା ବେଳେ ଓଡିଶା ମେଟାଲିକ କମ୍ପାନୀ ବିରୋଧ ରେ ଜନ ଆନ୍ଦୋଳନ ଉଗ୍ର ରୂପ ଧାରଣ କରି ସାରିଛି ।ସୂଚନା ଅନୁସାରେ ଓଡିଶା ମେଟାଲିକ କମ୍ପାନୀ ବିନା ଅନୁମତି ରେ ଇବ ନଦୀରୁ ବେଆଇନ ଜଳ ଉଠାଣ କରୁଥିବା ବେଳେ ୧୦ ଏକର ରୁ ଉର୍ଦ୍ଧ ଜଙ୍ଗଲ ଜମି ନିଜ ଅକ୍ତିଆର ରେ ରଖି ବ୍ୟବହାର କରୁଛି ।ଏହା ସହିତ ଓଡିଶା ମେଟାଲିକ କମ୍ପାନୀ



ସ୍ଥାନୀୟ ଅଂଚଳ ର ଉନ୍ନତି ପାଇଁ ଯେଉଁ ଖର୍ଚ୍ଚ କରିବା କଥା, ତାହା ମଧ ନ କରି ଓଲଟା ସ୍ଥାନୀୟ ଅଂଚଳ ରେ ପ୍ରଦୂଷଣ ସୃଷ୍ଟି କରୁଛି ।ଏବଂ ପୁରୁଣା କର୍ମଚାରୀ ମାନଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାର ର ଯୁବକ ମାନଙ୍କୁ ଆଣି ନିଯୁକ୍ତି ପ୍ରଦାନ କରୁଛି ।ଏହି ସବୁ ବିରୋଧ ରେ ସ୍ଥାନୀୟ ଅଂଚଳ ବାସୀ ଏବଂ ପୁରୁଣା କର୍ମଚାରୀ ସଂଘ ଜିଲ୍ଲା ପ୍ରଶାସନ କୁ ଯେତେ ଅଭିଯୋଗ କଲେ ମଧ ଜିଲ୍ଲା ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷ ଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରୁଛି ।ଫଳ ରେ ସ୍ଥାୟୀ ସମାଧାନ ପାଇଁ ଜମେରା, ମରାକୁଟା, ଏଚ କ[ାପାଲି ଗ୍ରାମ ପଂଚାୟତ ସହିତ ବ୍ରଜରାଜନଗର ପୌର ପରିଷଦ ର ଲୋକ କମ୍ପାନୀ ସମ୍ମୁଖରେ ଧାରଣା ଜାରୀ ରଖିଛନ୍ତି ।ଯେତେବେଳେ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ର ବାଟ ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ବାହାର ନ କରିବେ ସେତେବେଳେ ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ଉପସ୍ଥିତ ସାଧାରଣ ଜନତା, ଜନ ପ୍ରତିନିଧି ମାନେ ମତ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ କାହିଁକି କମ୍ପାନୀ କୁ ଏତେ ଅନୁକମ୍ପା ପ୍ରଦାନ କରୁଛି, ଯାହାକୁ ନେଇ ଜିଲ୍ଲାବାସୀ ଙ୍କ ମନ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ୨୧ରୁ

ଭଦ୍ରକ:- ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି । ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା । ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରଧୀକାରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରଧୀକାରଣ ପକ୍ଷରୁ କୁହାଯାଇଛି ।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଯାଜପୁର: ଯାଜପୁର ଶାନ୍ତି ମଣ୍ଡପରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଧାରଣା, ସତ୍ୟାଗ୍ରହ ଓ ଜେଲ୍ ଯାତ୍ରା ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଥିବା ବେଳେ ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ କୃଷକ ଏକତା ପଦଯାତ୍ରା ଆରମ୍ଭ ହୋଇଛି । ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ, ଚାଷୀର ସମ୍ମାନ ସ୍ୱାଭିମାନ, ଚାଷୀ ସୁରକ୍ଷା ଭତା ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ପାଇଁ ଯୋଜନା କରାଯାଇଥିଲା । କିନ୍ତୁ, ଡବଲ ଇଞ୍ଜିନ ସରକାର ଅହିଂସକ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରାରେ ଅଟକାଇ ୭୦୦ ଚାଷୀକୁ ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତି, ଝାଡଖଣ୍ଡର ନେତୃତ୍ୱ ବିଜୟ ସିଂ ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ । ଜେଲରୁ ମୁକୁଳିବା ପରେ ପୁଣି ଆନ୍ଦୋଳନ କରାଯିବା ନେଇ ନିଷ୍ପତି ନିଆଯାଇଥିବା ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆଜି ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ ଆରମ୍ଭ କରୁଥିବା ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରାରେ ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ ବୋଲି ସୂଚନା ଦେଇଛି ।

# ୨୦୯ ଲିଟର ଚୋରା ମଦ ଜବତ ମାମଲା : ଜେଲଗଲେ ଦୁଇ ଫେରାର ଅଭିଯୁକ୍ତ

ଧାମନଗର,(ନି.ପ୍ର.) : ଧାମନଗର ଥାନା ଅଂଚଳରେ ଦିନ କୁ ଦିନ ଚୋରା ମଦ କାରବାର ବୃଦ୍ଧି ହେଉଚି ଏ ନେଇ ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଗତ ୩ ମାର୍ଚ୍ଚ ୨୦୨୬ରେ ବାରିକପୁର ବଜାର ନିକଟରୁ ଜବତ ହୋଇଥିବା ୨୦୯ ଲିଟର ଦେଶୀ ଓ ବିଦେଶୀ ମଦ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଧାମନଗର ଜେଏମଏଫସି ଅଦାଲତ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି ।ସୂଚନା ଅନୁଯାୟୀ, ଧାମନଗର ଥାନାରେ ୯୫/୨୬ ନମ୍ବରରେ ଆବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ବାରିକପୁର ନିକଟ ବରପଦୀ ପାଟଣା ଗ୍ରାମର ଭିକାରୀ ଚରଣ ଦାସଙ୍କ ପୁଅ ସତ୍ୟରଞ୍ଜନ ଦାସଙ୍କ ନାମ ଉଲ୍ଲେଖ ରହିଛି । ଗତ ୩ ମାର୍ଚ୍ଚରେ ପୋଲିସ ଚଢ଼ାଉ ସମୟରେ ଏହି କେସ ରୁଜୁ କରାଯାଇଥିଲା ।ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସୁବ୍ରଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ନାରାୟଣ ନାୟକ, ରଶ୍ମିତା ମଲ୍ଲିକ, ନରେନ୍ଦ୍ର



ରାଉତ ଓ ସୁଜିତ ରାଉତଙ୍କ ସମେତ ପୋଲିସ ଟିମ୍? ବାରିକପୁର ବଜାର ନିକଟ ଏନଏଚ୍?-୧୬ରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଏକ ଟ୍ରାଭେଲା ଗାଡ଼ିରେ ଚୋରାରେ ମଦ ଚାଲାଣ ହେଉଥିବା ଧରାପଡ଼ିଥିଲା । ପୋଲିସ ଗାଡ଼ିକୁ ଜବତ କରିବା ସହ ପ୍ରାୟ ୨୦୯ ଲିଟର ବିଭିନ୍ନ ବ୍ରାଣ୍ଡର ଦେଶୀ ଓ ବିଦେଶୀ ମଦ ଜବତ କରିଥିଲା ।ତେବେ ଚଢ଼ାଉ ସମୟରେ ମୁଖ୍ୟ ଅଭିଯୁକ୍ତ ସତ୍ୟରଞ୍ଜନ ଦାସ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ସେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ତଳ ଅଦାଲତରେ ଜାମିନ ଆବେଦନ କରିଥିଲେ ।ବୁଧବାର ଧାମନଗର ଜେଏମଏଫସି ଅଦାଲତରେ ତାଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା । କିନ୍ତୁ ପୂର୍ବରୁ ତାଙ୍କ ନାମରେ ରହିଥିବା ବିଭିନ୍ନ ମାମଲାକୁ ଦୃଷ୍ଟିରେ ରଖି ଅଦାଲତ ଜାମିନ ନାମଞ୍ଜୁର କରିଥିଲେ । ପରେ ତାଙ୍କୁ ଜେଲ ହାଜତକୁ ପଠାଯାଇଛି । ପୋଲିସ ସୂଚନା ଅନୁଯାୟୀ, ସତ୍ୟରଞ୍ଜନଙ୍କ ନାମରେ ଚୋରା ମଦ କାରବାର ଓ ଗିଟାବାଡ଼ିଆ

# ଫେଲୋସିପ୍ ସଭାଗୃହରେ ୧୫ ଦିନିଆ ଇଂଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

ଭଦ୍ରକ-(ନି.ପ୍ର.) : ୧୫ ଦିବସୀୟ କାର୍ଯ୍ୟକ୍ରମର ୨ୟ ଦିବସରେ ଶିଶୁ ବିକାଶ ଓ ଶିଶୁଯତ୍ନ ଏବଂ ଏଚ୍.ଆଇ.ଭି. ଏଡ୍ସ ନିରାକରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆଜିର ବିଷୟ ବିଷାରଦଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅବିନାଶ ମହାନ୍ତି ଏବଂ ଲକ୍ଷଭେଦି ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ଶ୍ରୀମତୀ ସାବିତ୍ରୀ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଫେଲୋସିପ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ କୋଅଡ଼ିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚରମ୍ପା କଲେଜର ରାଜନିତୀ ବିଜ୍ଞାନର ଅଧାପକ ଶ୍ରୀ ମନୋଜ କୁମାର ମହାଲିକ ମଧ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଟ୍ରେନିଂଟି ସଫଳରୂପେ ସଂପାଦାନ କରାଯାଇଥିଲା ।

# ଅଧା ପନ୍ତରିଆ ଡ୍ରେନ୍ କାମ ସରିବ କେବେ ?

ଜଳେଶ୍ୱର(ନି.ପ୍ର.): ଗୋବରଘଟ୍ଟା ପଂଚାୟତର ୧୨ନଂ ୱାର୍ଡ ରେ ଏକ ଡ୍ରେନ୍ କାମ ଅଧାପନ୍ତୁରିଆଭାବେ ପଡି ରହିଛି । ୨ମାସ ହେବ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟଟି ଶେଷ ହେଉନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟଟି ୨୦୨୬-୨୭ ମସିହାର ବିଜିବିଓ ଯୋଜନାରେ ହୋଇଥିଲେହେଁ ଏଠାରେ କୌଣସି ଫଳକ ମଧ୍ୟ ନାହିଁ । କାର୍ଯ୍ୟାଦେଶ ପାଇଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଏ ସଂପର୍କରେ ସମାଜସେବୀ ବିଶ୍ୱରୂପ ଦାସ ପଚାରିବାରୁ କୌଣସି ସନ୍ତୋଷ ଜନକ ଉ□ର ଦେଇନଥିବାରୁ ଆଜି ବିଡିଓଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି । ତେଣୁ ଏ ସଂପର୍କରେ ତଦନ୍ତ କରାଯାଇ କାର୍ଯ୍ୟଟିକୁ ସମାପ୍ତ କରିବାକୁ ବିଡିଓଙ୍କ ସହିତ ବାଲେଶ୍ୱର ଜିଲାପାଳ, ସାଂସଦଙ୍କୁ ଅବଗତ କରିଥିବା ଜଣାଯାଇଛି ।

# ଜଳେଶ୍ୱରର ଯୁବକ ବାରିପଦାରେ ନିଖୋଜ : ଥାନାରେ ଅଭିଯୋଗ

ଜଳେଶ୍ୱର (ନି.ପ୍ର.): ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ନିବାସୀ ସୁଶିଲ ନନ୍ଦୀଙ୍କ ପୁତ୍ର ଶୁଭ୍ରଜିତ୍ ନନ୍ଦୀ(୨୧) ଗତ ମଙ୍ଗଳବାର ଠାରୁ ନିଖୋଜ ଅଛନ୍ତି । ଶୁଭ୍ରଜିତ୍ ତାଙ୍କ ମା ତୃପ୍ତିରାଣୀ ଦାସଙ୍କ ସହିତ ବାରିପଦା ସହରର ସୁନଗଡିଆ ଠାରେ ଏକ ଭଡାଘରେ ରହିଆସୁଥିଲେ । ସୂଚନାଯୋଗ୍ୟ ତୃପ୍ତିରାଣୀ ବାରିପଦାର ସୁନଲାଇଫରେ ଷ୍ଟାଫ ନର୍ସଭାବେ କାର୍ଯ୍ୟ କରୁଥିବା ବେଳେ ଶୁଭ୍ରଜିତ୍ ତାଙ୍କ ନିକଟରେ ରହିଆସୁଥିଲେ । ନିଖୋଜ ପରେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ନ ପାଇବାରୁ ଶୁଭ୍ରଜିତ୍ର ମାମୁଁ ମିନକେତନ ଦାସ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ନିକଟସ୍ଥ ପୋଲିସ୍ ଷ୍ଟେସନକୁ ଯୋଗାଯୋଗ କରିବା ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

## ଖୁଂଟା ବେତନଟୀ ଏବଂ ଉଦଳା ଅବକାରୀ ବିଭାଗର ମିଳିତ ଚଢାଉ, ୩୨୦ ଲିଟର ମହୁଲି ମଦ ଜବତ

ଖୁଂଟା -(ନି ପ୍ର) ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର କୁଆଁରଙ୍କ ନିର୍ଦ୍ଦେଶ କ୍ରମେ, ଆଦ୍ୟ ତା ୧୩.୦୫.୨୬ ରିଖ ଦିନ ଖୁ[ା ଉଦଳା ଏବଂ ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇଥିଲା । ବିଶେଷ ସୂତ୍ରରୁ ଖବର ପାଇ, ମଲହାରପଦା ଏବଂ ଗୋବିନ୍ଦପୁର ଗ୍ରାମରେ ବେନିୟମ ଭାବେ ଦେଶୀ ମହୁଲି ମଦ ତିଆରି କାରଖାନା ଉପରେ ,ଉଦଳା ରେଞ୍ଜର ଅବକାରୀ ନିରୀକ୍ଷକ ଶ୍ରୀ ପ୍ରଦୀପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଳିତ ଭାବେ ଅତର୍କିତ ଚଢ଼ାଉ ଜାରି ,୩୪୦୦ କିଲୋଗ୍ରାମ ମୁହୁଲ ପୋଚ ଏବଂ ୩୨୦ ଲିଟର ମହୁଲି ମଦ ଜବତ କରାଯାଇ, ଏକ ଅବକାରୀ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉରେ ଖୁ[ା ଏ ଏସ ଆଇ ଶ୍ରୀ କୃଷ୍ଣ ସୁନ୍ଦର ସେଠୀ, ଉଦଳା ଏ ଏସ ଆଇ ଶ୍ରୀ ଏସ ରବିନ୍ଦ୍ର କୁମାର ରେଡ୍ଡୀ, କନେଷ୍ଟବଳ ଶ୍ରୀ ପ୍ରକାଶ ଦେବତା, ଶ୍ରୀ ଦିବ୍ୟାଂଶୁ ପଣ୍ଡା, ଶ୍ରୀ ନିରଞ୍ଜନ ମହାନ୍ତ, ଶ୍ରୀ କିଶୋର ସରେନ, ଶ୍ରୀମତୀ ପାର୍ବତୀ ମାରଣ୍ଡି ଏବଂ ଶ୍ରୀମତୀ ଦିପାଞ୍ଜଳି ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଟାଟା ପାୱାରର ଶ୍ରମିକ ଛଟେଇ ପ୍ରତିବାଦରେ ଓଡିଶା ବିଦୁତ୍ କର୍ମଚାରୀ ମହାସଙ୍ଘ ପକ୍ଷର ବିକ୍ଷୋଭ ଓ ପ୍ରତିବାଦ

ଯାଜପୁର: ଟାଟା ପାୱାରର ଶ୍ରମିକ ଛଟେଇ ପ୍ରତିବାଦରେ ଓଡିଶା ବିଦୁତ୍ କର୍ମଚାରୀ ମହାସଙ୍ଘ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ । ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଦାବିପତ୍ର ପ୍ରଦାନ କଲା କର୍ମଚାରୀ ମହାସଂଘ । ସଂଘର ଉପସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ କୁମାର ବେହେରିଆଙ୍କ ନେତୃତ୍ୱରେ ଯାଜପୁର କିଆନାଳୀ ଛକ ଠାରୁ ଶ୍ରମିକ ମାନେ ଏକ ଶୋଭାଯାତ୍ରାରେ ବାହାରି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପହଂଚିଥିଲେ । ସେଠାରେ ବିକ୍ଷୋଭ ଓ ପ୍ରତିବାଦ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ମେ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ସହିତ ୨୮ ତାରିଖରେ ବାଲେଶ୍ୱର ଜୋନ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଧାରଣା ଦିଆଯିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି । ଏହା ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୨୯ତାରିଖରେ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିବାରାତ୍ର ଧାରଣା ଦେବାକୁ ଚେତାବନୀ ଦିଆଯାଇଛି ।

# ଖଡ଼ିଆଳ ସହର ରେ ଡିଜେଲ ସମସ୍ୟା: ଅଂଚଳ ବାସୀ ଡିଜେଲ ନେବା ପାଇଁ ପ୍ଲାଷ୍ଟିକ ଡବା ର ଲମ୍ବା ଲାଇନ୍

ନୂଆପଡ଼ା,(ନି.ପ୍ର)ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରରେ ଡିଜେଲ ସମସ୍ୟା ଦେଖାଯାଉଥିବା ବେଳେ ଚାରିଚକିଆ ଯାନ ବାହାନ ସହ କୃଷି ଯନ୍ତ୍ର ପତି ପାଇଁ ଡିଜେଲ ଭରିବା ପାଇଁ ଲମ୍ବା ଲାଇନ୍ ଲାଗିଅଛି । ଭାରତ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ବାସୀଙ୍କୁ ଉଦବୋଧନ ଦେଇ କହିଲେ ଯାନ ବାହନ କମ ଚଳେଇବା ପାଇଁ ପେଟ୍ରୋଲ ଡିଜେଲ ସଙ୍କଟ ସହ ଦର ବୃଦ୍ଧି ହେବାର ଆଶଙ୍କାରେ ଖଡିଆଳ ଅଂଚଳର ଲୋକେ ପ୍ଲାଷ୍ଟିକ ଡବା ଗୁଡ଼ିକ ରଖି ଲମ୍ବା ଲାଇନ୍ ରେ ଡିଜେଲ ନେବାକୁ ଅପେକ୍ଷା କରୁଛନ୍ତି ।



ଆସନ୍ତା କାଲି ପେଟ୍ରୋଲ ଡିଜେଲ ପହଂଚିବ ବୋଲି ପମ୍ପ ପକ୍ଷ ରୁ ପ୍ରକାଶ କରିଛନ୍ତି । ତଥାପି ଲୋକେ ଆଶଙ୍କା କରି ଡିଜେଲ ନେବା ପାଇଁ ପ୍ରବଳ ଭିଡ଼ ଦେଖି ଗୋଟିଏ ଲୋକଙ୍କୁ ୫୦ ଲିଟର ରୁ ଆଧିକା ଦେବା ପାଇଁ ବାରଣ କରାଯାଉଛି । ଆସନ୍ତା ଦିନରେ ପେଟ୍ରୋଲ ଡିଜେଲ ବହୁ ପରିମାଣ ରେ ଖଡିଆଳ ଅଂଚଳକୁ ଯୋଗାଣ ନ ହେଲେ ଆହୁରି ସମସ୍ୟା ଦେଖା ଦେବାର ସଂଭାବନା ଅଛି ବୋଲି ସ୍ଥାନୀୟ ଲୋକେ କହୁଥିଲେ ।

# ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନୟାଗଡ (ନି.ପ୍ର.)-ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ନୟାଗଡ ରେ ବିଧାୟକ ଡ଼ ଅରୁଣ କୁମାର ସାହୁ ଙ୍କ ଉପସ୍ଥିତ ରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଛି ।ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିଲା ପରେ ଅରାଜକତା ବଢ଼ି ଚାଲିଛି,ଗତ କିଛି ଦିନ ମଧ୍ୟରେ ବର୍ବରତା ସମସ୍ତ ସୀମା ଅତିକ୍ରମ କରିଛି ।ଅପରାଧୀମାନେ ଆଇନକୁ ଭୃକ୍ଷେପ କରୁନାହାନ୍ତି, ସରକାର ହତବାକ୍ ।ଢେଙ୍କାନାଳ ଜିଲ୍ଲାର ଭାପୁର ଅଂଚଳରେ ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ପୀଡ଼ିତାଙ୍କ ମୁହଁକୁ ପଥରରେ ଛେଚି ବିଭତ୍ସ ଭାବେ ହତ୍ୟା ଉଦ୍ୟମ କରିଥିଲେ । ପୀଡ଼ିତା ବର୍ତମାନ ଏସ୍ ?ସିବି ମେଡ଼ିକାଲ କଲେଜ ଆଇସିୟୁରେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ଓ ଅଭିଯୁକ୍ତ ମାନଙ୍କୁ ପୋଲିସ୍ ଧରିପାରି ନାହିଁ ।. ପୁରୀ ଜିଲ୍ଲା ବଳଙ୍ଗା ଠାରେ ଜଣେ ଯୁବତୀଙ୍କୁ ପେଟ୍ରୋଲ ଢାଳି ଜଅନ୍ତା ପୋଡ଼ି ମାରିଦେବା, ବାଲିହରିଚଣ୍ଡୀ ଗଣଦୁଷ୍କର୍ମ ଓ ବ୍ରହ୍ମଗିରିରେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ କଣାସ ଥାନା ଗୋଲବଜାର ଅଂଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ସମସ୍ତ ସୀମା ଅତିକ୍ରମ କରିଛି । ଜଣେ ଯୁବକଙ୍କୁ ପନିକିରେ ହାଣିଲା ପରେ ଅମାନୁଷିକ ଭାବେ ତାଙ୍କ ବେକରେ ବୁଲେଟ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ । ଯୁବକ ଜଣକ ଗୋଟିଏ ଗୋଡ଼ ହରାଇ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ।. ଗଞ୍ଜାମ ଜିଲ୍ଲାରେ ପୋଲିସ୍ ?ର ସମ୍ପୂର୍ଣ ଅବହେଳା ଲାଗି ହିଞ୍ଜିଳିରେ ୩ ବର୍ଷର ଶିଶୁ କନ୍ୟା ସାମ୍ନାରେ ତାର ଗର୍ଭବତୀ ମାଆକୁ ଯେଭଳି ନୃଶଂସ ଭାବେ ହତ୍ୟା କରାଗଲା, ତାହା ଜନମାନସକୁ ଦୋହଲାଇ ଦେଇଛି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ଲୋକେ ଭୁଲିବା ପୂର୍ବରୁ ଏହି ନିର୍ମମ ହତ୍ୟାକାଣ୍ଡ ସହ ଗତ ୧ ମାସ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ୧୦ରୁ ଉର୍ଦ୍ଧ୍ୱ ହତ୍ୟା ଘଟଣାରେ ଲୋକେ ଭୟଭୀତ ।କଟକ ଜିଲ୍ଲା ନିଆଳି ଅଂଚଳର ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସାଇଁଙ୍କୁ ବାଲିଅନ୍ତା ଠାରେ ବର୍ବରୋଚିତ ଭାବେ ପୋଲିସ୍ ଉପସ୍ଥିତିରେ ଯେଭଳି ପିଟିପିଟି ମାରିଦେଲେ, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ନିକଟ ଅତୀତରେ ବାଲି ମାଫିଆ ମାନେ କଟକ ଚାଉଳିଆଗଞ୍ଜ ଠାରେ ଜଣେ ପୋଲିସ୍ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇ ମାରିଦେବା ଘଟଣା ଏବେ ବି ଲୋକଙ୍କ ମନରୁ ଯାଇନି । ସତରେ ପୋଲିସ୍ କରୁଛି କ'ଣ, ତାହା ଆଜି ପ୍ରଶ୍ନବାଚୀ । ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ବାଲି ଓ ମାଙ୍କଡ଼ା ପଥର ମାଫିଆ ଜଣେ ଯୁବକଙ୍କ ଦୁଇ ହାତ ହାଣି ବିଚ୍ ରାସ୍ତାରେ ନିର୍ମମ ଭାବେ ହତ୍ୟା କରିଛନ୍ତି । ଚୋରା ପଥର ଚାଲାଣ ସମ୍ପର୍କରେ ପୋଲିସ୍ ?କୁ ସୂଚନା ଦେବା ସନ୍ଦେହରେ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଗଲା ୧୦ ଦିନ ମଧ୍ୟରେ ରାଜ୍ୟରେ ଏହି ଜଘନ୍ୟ ଅପରାଧର ବିବରଣୀ କେବଳ ଟିଭି ଓ ସାମାଜିକ ଗଣମାଧ୍ୟମରେ ସୀମିତ ନ ରହି ଜାତୀୟ ଗଣମାଧ୍ୟମରେ ମଧ ଓଡ଼ିଶାକୁ ନିନ୍ଦିତ କରିଛି ।

# ଭାରତୀୟ ରଗ୍ବୀ ଦଳର ଅଧିନାୟିକା ସାଜି ଇତିହାସ ରଚିଲେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଝିଅ ପାର୍ବତୀ

ବାରିପଦା(ନି.ପ୍ର.) ଉଜବେକିସ୍ଥାନ ସ୍ଥିତ ତାସକେ[ ଠାରେ ଚଳିତ ମାସ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମଧ୍ୟ ଓ ଦକ୍ଷିଣ ଏସିଆ ( ଉଇଝଇ ) ସେଭେନସ ରଗ୍ବୀ ଟୁର୍ଣ୍ଣାମେ[ରେ ଭାରତୀୟ ଦଳର ଅଧିନାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପାର୍ବତୀ ହାଁସଦା ଓ ଭାରତୀୟ ଦଳର ନେତୃତ୍ୱ ନେବାରେ ସେ ମୟୁରଭଞ୍ଜର ପ୍ରଥମ ଖେଳାଳି ଭାବେ ଇତିହାସ ରଚିଛନ୍ତି ଓ ପାର୍ବତୀଙ୍କ ଜନ୍ମ ବାରିପଦା ବ୍ଲକର ଭୁରୁଡୁବଣି ଗ୍ରାମର ଏକ ଅତି ସାଧାରଣ ଚାଷୀ ପରିବାରରେ ଓ ପିତା ଦଶରଥୀ ହାଁସଦା ଓ ମାତା ସୁକାନ୍ତି ହାଁସଦା ଦିନରାତି ବିଲରେ ପରିଶ୍ରମ କରି ପାର୍ବତୀଙ୍କୁ ବଡ଼ କରିଥିଲେ । ପିଲାଦିନେ ବାପାମାଆଙ୍କ ସହ ବିଲକୁ ଯାଉଥିବା ପାର୍ବତୀଙ୍କ ପାଇଁ ସଫଳତା ସହଜ ନଥିଲା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ ଆଶ୍ରମ ସ୍କୁଲରେ ପାଠ ପଢ଼ିବା ବେଳେ, ତତ୍କାଳୀନ ପ୍ରଧାନ ଶିକ୍ଷକ



କମଳାକାନ୍ତ ପ୍ରହରାଜ ଓ କୋଚ୍ ରୂପାଲୀ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ରଗ୍ବୀ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ ଓ ପରବର୍ତୀ ସମୟରେ ମୟୂରଭଞ୍ଜର ବାରିପଦା ସ୍ଥିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ତାଙ୍କ ସ୍ୱପ୍ନକୁ ନୂଆ ଉଡ଼ାଣ ଦେଇଥିଲା ଓ ଏହି ଏକାଡେମୀରେ ରହି ପ୍ରଶିକ୍ଷଣ ନେଇ ପାର୍ବତୀ ନିଜ ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଆଜି ସାରା ବିଶ୍ୱ ଆଗରେ ମୟୂରଭଞ୍ଜର ନାଁ ରଖିଛନ୍ତି ବୋଲି ତାଙ୍କ ପଥ ପ୍ରଦର୍ଶକ, କୋଚ ତଥା ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି ଓ ଅନେକ ପଦକର ଅଧିକାରିଣୀ ଜଣେ ଆନ୍ତର୍ଜାତିକ ରଗ୍ ?ବି ଖେଳାଳି ଭାବେ ଅନେକ ଥର ରାଜ୍ୟ ତଥା ଦେଶ ଗୌରବ ଆଣିଥିବା ପାର୍ବତୀଙ୍କ ଯାତ୍ରା ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି ଓ ୨୦୨୨ ରେ ଏସୀୟ ରଗ୍ ?ବି ୧୮ ବର୍ଷରୁ କମ୍ ଓ ୨୨ ବର୍ଷରୁ କମ୍ ଚାମ୍ପିୟନସିପ୍ ?ରେ ସେ ରୌପ୍ୟ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଥିଲେ ଓ ୩୬ତମ, ୩୭ତମ ଓ ୩୮ତମ ଜାତୀୟ କ୍ରୀଡ଼ା ଏବଂ ୨୦୨୪ ସିନିୟର ଜାତୀୟ ରଗ୍ ?ବିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓ ଚଳିତ ବର୍ଷ ବିହାରର ରାଜଗିରଠାରେ ଅନୁଷ୍ଠିତ ସିନିୟର ନ୍ୟାସନାଲ୍ ?ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ଖବର ପାଇ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଖରିଫ ଫସଲଗୁଡ଼ିକର ଏମଏସପି ବୃଦ୍ଧି ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : କେନ୍ଦ୍ରୀୟ କ୍ୟାବିନେଟ୍ ଦ୍ୱାରା ଖରିଫ ଫସଲଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିବା ନିଷ୍ପତ୍ତିକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି କୃଷି ଏବଂ କୃଷକଙ୍କ ସର୍ବାଙ୍ଗୀନ ବିକାଶ ଆମ ଶାସନ ବ୍ୟବସ୍ଥାର ମୂଳଦୁଆ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କେନ୍ଦ୍ରୀୟ କ୍ୟାବିନେଟ୍ ଦ୍ୱାରା ଖରିଫ ଫସଲଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିବା ନିଷ୍ପତ୍ତି ଏହି ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ପ୍ରଗତିଶୀଳ ନିର୍ଣ୍ଣୟ କୃଷି କ୍ଷେତ୍ରର ସ୍ଥିରତା ଏବଂ ଗ୍ରାମୀଣ ସମୃଦ୍ଧିକୁ ଆହୁରି ସୁଦୃଢ଼ କରିବ । ଏହି ନିଷ୍ପତ୍ତି କେବଳ କୃଷି ଅର୍ଥନୀତିକୁ ଗତିଶୀଳ କରିବ ନାହିଁ, ବରଂ କୃଷି ବିବିଧିକରଣକୁ ନୂତନ ଉତ୍ସାହ ପ୍ରଦାନ କରିବ ଓ ଆମ ଅନ୍ନଦାତା ଭାଇଭଉଣୀଙ୍କ ସାମଗ୍ରିକ କଲ୍ୟାଣ ଏବଂ ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ପ୍ରମୁଖ ସହାୟକ ହେବ । କୃଷକ ସମାଜର ହିତ ସାଧନ ତଥା ସେମାନଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ଏହି ଦୂରଦୃଷ୍ଟିସମ୍ପନ୍ନ କଲ୍ୟାଣକାରୀ ନିଷ୍ପତ୍ତି ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ଜୀଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ।

# ଜୁନ୍ ୨୧ରେ ଓଟିଇଟି ପରୀକ୍ଷା




ଭୁବନେଶ୍ୱର : ଆସନ୍ତା ଜୁନ୍ ୨୧ ତାରିଖରେ ରାଜ୍ୟରେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ ବା ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଜୁନ୍ ୨୧ ତାରିଖ ସକାଳ ୯ରୁ ୧୧ଟା ୩୦ ପେପର୍ -୧ ଓ ଦିନ ୨ଟାରୁ ୪ଟା ୩୦ ପେପର-୨ ପରୀକ୍ଷା ହେବ । ପରୀକ୍ଷା ପାଇଁ ଜୁନ୍ ୯ରୁ ବୋର୍ଡର ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏନଆଇସି.ଇନ୍ ରେ ଆଡ୍‌ମିଟ୍ କାର୍ଡ ମିଳିବ ।






# ଭୂପୃଷ୍ଠ କୋଇଲା ଓ ଲିଗ୍ନାଇଟ୍ ବାଷ୍ପୀକରଣ ପ୍ରକଳ୍ପର ପ୍ରୋତ୍ସାହନ ଲାଗି ୩୭,୫୦୦ କୋଟି ଟଙ୍କାର ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭୂପୃଷ୍ଠ କୋଇଲା/ଲିଗ୍ନାଇଟ୍ ବାଷ୍ପୀକରଣ ପ୍ରକଳ୍ପର ପ୍ରୋତ୍ସାହନ ଲାଗି ଏକ ଯୋଜନାକୁ ମଞ୍ଜୁର କରାଯାଇଛି । ଏଥିପାଇଁ ୩୭,୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ଭାରତର କୋଇଲା/ଲିଗ୍ନାଇଟ୍ ବାଷ୍ପୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ୍ (ଏମଟି) କୋଇଲା ବାଷ୍ପୀକରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ଦେଶର ଇନ୍ଧନ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଏଲଏନଜି, ୟୁରିଆ, ଆମୋନିଆ ଏବଂ ମିଥାନଲ ଭଳି ପ୍ରମୁଖ ଉତ୍ପାଦ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ । ବର୍ତ୍ତମାନ ଭାରତ ୫୦% ଏଲଏନଜି, ୨୦% ୟୁରିଆ, ୧୦୦% ଆମୋନିଆ ଏବଂ ୮୦ରୁ ୯୦% ମିଥାନଲ ଆମଦାନୀ କରୁଛି । ଏଥିସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ସ୍ୱରୂପ, ସରକାର ଅଣ ନିୟନ୍ତ୍ରିତ କ୍ଷେତ୍ର (ଏନଆରଏସ) ଲିଙ୍କେଜ୍ ଫ୍ରେମୱାର୍କ ଅନ୍ତର୍ଗତ 'କୋଇଲା ବାଷ୍ପୀକରଣ ଦିଗରେ ନେଇ ଯାଉଥିବା ସିନଗ୍ୟାସ ଉତ୍ପାଦନ' ଉପକ୍ଷେତ୍ରରେ କୋଇଲା ଲିଙ୍କେଜ୍ ଅବଧିକୁ ବଢ଼ାଇ ୩୦ ବର୍ଷ କରି ଦେଇଛନ୍ତି । ଏହାଦ୍ୱାରା କୋଇଲା ବାଷ୍ପୀକରଣ ପ୍ରକଳ୍ପଗୁଡ଼ିକରେ ନିବେଶ ଲାଗି ଦୀର୍ଘକାଳୀନ ନୀତିଗତ ନିଶ୍ଚିତତା ମିଳିପାରିବ । ସିନ୍ଗ୍ୟାସ ଏବଂ ଏହାର ଏହାର ଡାଉନଷ୍ଟ୍ରିମ୍ ଉତ୍ପାଦ ଉତ୍ପାଦନ ପାଇଁ ନୂତନ ଭୂପୃଷ୍ଠ କୋଇଲା/ଲିଗନାଇଟ୍ ବାଷ୍ପୀକରଣ ପ୍ରକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ନିମନ୍ତେ ମୋଟ ୩୭,୫୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟ କରାଯିବ । ଏହା ଜରିଆରେପ୍ରାୟ ୭୫ ନିୟୁତ ଟନ୍ କୋଇଲା/ଲିଗନାଇଟ୍ ଗ୍ୟାସିଫିକେସନ୍ ଲକ୍ଷ୍ୟ ରହିଛି । ପ୍ଲାଂଟ ଏବଂ ଯନ୍ତ୍ରପାତି ମୂଲ୍ୟର ସର୍ବାଧିକ ୨୦% ରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ । ପ୍ରକଳ୍ପ ମୂଲ୍ୟ, କୋଇଲା ଇନପୁଟ୍ ଏବଂ ସିନ୍ଗ୍ୟାସ ଉତ୍ପାଦନର ଏକ ମୂଲ୍ୟାଙ୍କନ ଢାଂଚା ସହିତ ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ନିଲାମୀ ପ୍ରକ୍ରିୟା ମାଧ୍ୟମରେ ଚୟନ । ପ୍ରକଳ୍ପର ମାଇଲଖୁଂଟ ସହିତ ଜଡିତ ଚାରୋଟି ସମାନ କିସ୍ତିରେ ପ୍ରୋତ୍ସାହନ ପ୍ରଦାନ କରାଯିବ । ଯେକୌଣସି ଏକକ ପ୍ରକଳ୍ପ ପାଇଁ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ସୀମା ଧାର୍ଯ୍ୟ କରାଯାଇଛି । ଯେକୌଣସି ଏକକ ଉତ୍ପାଦ ପାଇଁ (କୃତ୍ରିମ ପ୍ରାକୃତିକ ଗ୍ୟାସ ଏବଂ ୟୁରିଆ ବ୍ୟତୀତ) ୯,୦୦୦ କୋଟି ଟଙ୍କା ଏବଂ କୌଣସି ଏକକ ସଂସ୍ଥାଗତ ଗୋଷ୍ଠୀ ଲାଗି ସମସ୍ତ ପ୍ରକଳ୍ପକୁ ମିଶାଇ ୧୨,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା । ଏହି ଯୋଜନା ଅଧୀନରେ ମିଳୁଥିବା ପ୍ରୋତ୍ସାହନ, ବାଣିଜ୍ୟିକ କୋଇଲା ଖନନ ବ୍ୟବସ୍ଥା କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଅନ୍ୟ ମନ୍ତ୍ରଣାଳୟର ଯୋଜନା ଅଧୀନରେ ମିଳୁଥିବା ପ୍ରୋତ୍ସାହନ ଅତିରିକ୍ତ ମିଳିବ । ଏହା ସେସବୁ ପ୍ରୋତ୍ସାହନକୁ ସୀମିତ କରିବ ନାହିଁ । ଶକ୍ତି ସୁରକ୍ଷା ଏବଂ ଆମଦାନୀ ବିକଳ୍ପ: ଏହା କୋଇଲା ସମ୍ପଦର ବିବିଧ ଉପଯୋଗକୁ ପ୍ରୋତ୍ସାହିତ କରିବ । ଏଲଏନଜି, ୟୁରିଆ, ଆମୋନିଆ, ଆମୋନିୟମ ନାଇଟ୍ରେଟ୍, ମିଥାନଲ ଏବଂ କୋକିଂ କୋଇଲା ଆମଦାନୀର ବିକଳ୍ପ ଯୋଗାଇ ଦେବ । ଭାରତକୁ ବିଶ୍ୱ ମୂଲ୍ୟ ଅସ୍ଥିରତା ଏବଂ ଭୂରାଜନୈତିକ ଯୋଗାଣ-ଶୃଙ୍ଖଳା ବାଧାରୁ ରକ୍ଷା କରିବା ସହିତ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଉଦ୍ଦେଶ୍ୟକୁ ପୂରଣ କରିବ । ନିଯୁକ୍ତି ସୃଷ୍ଟି: ଏହି ଯୋଜନାରେ କୋଇଲା ଉତ୍ପାଦନ କରୁଥିବା ଅଂଚଳରେ ୨୫ଟି ପ୍ରକଳ୍ପରେ ପ୍ରାୟ ୫୦ ହଜାର (ପ୍ରତ୍ୟକ୍ଷ + ପରୋକ୍ଷ) ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି । ସରକାରଙ୍କୁ ରାଜସ୍ୱ: ଯୋଜନା ଅଧୀନରେ ପରିକଳ୍ପିତ ୭୫ନିୟୁତ ଟନ୍ ବାଷ୍ପୀକରଣରୁ କୋଇଲା/ଲିଗ୍ନାଇଟ୍ ବ୍ୟବହାରରୁ ବାର୍ଷିକ ୬,୩୦୦କୋଟି ଟଙ୍କା, ଜିଏସଟି ଏବଂ ଅନ୍ୟାନ୍ୟ ଟିକସରୁ ଡାଉନଷ୍ଟ୍ରିମ୍ ରାଜସ୍ୱ ମିଳିବ ବୋଲି ଆଶା କରାଯାଉଛି । ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ:ଏହି ଯୋଜନା ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାକୁ ଉନ୍ନତ କରି ଏବଂ ବିଦେଶୀ ଇପିସିଠିକାଦାରଙ୍କ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଭାରତର ଘରୋଇ ଭୂପୃଷ୍ଠ କୋଇଲା ବାଷ୍ପୀକରଣକ୍ଷମତାକୁ ସୁଦୃଢ଼ କରିବ ।

# ସିବିଏସଇ ଦ୍ୱାଦଶ ରେଜଲ୍ଟ ପ୍ରକାଶିତ, ୮୫.୨୦ ପ୍ରତିଶତ ପରୀକ୍ଷାର୍ଥୀ ପାସ୍, ବାଜି ମାରିଲେ ଛାତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ବୁଧବାର ୧୨ମ ଶ୍ରେଣୀର ପରୀକ୍ଷା ଫଳାଫଳ ଘୋଷଣା କରିଛି । ଚଳିତ ବର୍ଷ ମୋଟ ୮୫.୨୦ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ଯାହା ଗତ ବର୍ଷ ତୁଳନାରେ ୩.୧୯ ପ୍ରତିଶତ କମ୍ । ପରୀକ୍ଷା ଫଳାଫଳରେ ଝିଅମାନଙ୍କର ପ୍ରଦର୍ଶନ ପୁଅମାନଙ୍କଠାରୁ ଭଲ ରହିଛି । ବୋର୍ଡ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ, ଏହି ବର୍ଷ ୧୭,୮୦,୩୬୫ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିଲେ, ସେଥି ମଧ୍ୟରୁ ୧୭,୬୮,୮୧୮ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୫,୦୭,୧୦୯ ଜଣ ସଫଳ ଘୋଷିତ ହୋଇଛନ୍ତି । ପାସ୍ ପ୍ରତିଶତରେ ୩.୧୯ ପ୍ରତିଶତ ହ୍ରାସ ଘଟିଛି, ଯାହା ୨୦୨୫ର ୮୮.୩୯ ପ୍ରତିଶତରୁ କମି ୨୦୨୬ରେ ୮୫.୨୦ ପ୍ରତିଶତ ହୋଇଛି । ସିବିଏସଇ ଅନୁସାରେ, ଝିଅମାନଙ୍କର ପାସ୍ ପ୍ରତିଶତ ୮୮.୮୬ ରହିଥିବାବେଳେ, ପୁଅମାନଙ୍କର ପାସ୍ ପ୍ରତିଶତ ୮୨.୧୩ ରେକର୍ଡ କରାଯାଇଛି । ଏହିପରି ଝିଅମାନେ ପୁଅମାନଙ୍କଠାରୁ ୬.୭୩ ପ୍ରତିଶତ ଭଲ ପ୍ରଦର୍ଶନ କରିଛନ୍ତି । କ୍ଷେତ୍ରଭିତିକ ପ୍ରଦର୍ଶନରେ ତିରୁବନନ୍ତପୁରମ୍ କ୍ଷେତ୍ର ସର୍ବାଗ୍ରେ




ରହିଛି, ଯେଉଁଠାରେ ୯୫.୬୨ ପ୍ରତିଶତ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି । ଏହାପରେ ଚେନ୍ନାଇ, ବେଙ୍ଗାଲୁରୁ ଏବଂ ବିଜୟୱାଡା କ୍ଷେତ୍ରର ସ୍ଥାନ ରହିଛି । ଦିଲ୍ଲୀ ପଶ୍ଚିମ କ୍ଷେତ୍ରର ଫଳାଫଳ ୯୨.୩୪ ପ୍ରତିଶତ ଏବଂ ଦିଲ୍ଲୀ ପୂର୍ବ କ୍ଷେତ୍ରର ଫଳାଫଳ ୯୧.୭୩ ପ୍ରତିଶତ ରହିଛି । ସମଗ୍ର ଦିଲ୍ଲୀ କ୍ଷେତ୍ରର ପାସ୍ ପ୍ରତିଶତ ୯୧.୯୭ ପ୍ରତିଶତ ରହିଥିବାବେଳେ, ପ୍ରୟାଗରାଜରେ ସବୁଠାରୁ କମ୍ ୭୨.୪୩ ପ୍ରତିଶତ ପାସ୍ ହାର ରେକର୍ଡ ହୋଇଛି । ବିଦେଶସ୍ଥିତ ସିବିଏସଇ ବିଦ୍ୟାଳୟଗୁଡ଼ିକର ଫଳାଫଳ ୯୦.୫୦ ପ୍ରତିଶତ ରହିଛି । ଏହାସହ ଦିବ୍ୟାଙ୍ଗ (ସିଡବ୍ଲ୍ୟୁଏସଏନ୍) ଛାତ୍ରଛାତ୍ରୀଙ୍କର ପାସ୍ ପ୍ରତିଶତ ୯୦.୧୬ ରେକର୍ଡ କରାଯାଇଛି । ବୋର୍ଡ ଜଣାଇଛି ଯେ, ଏହି ବର୍ଷ ୧,୬୩,୮୦୦ ଜଣ ଛାତ୍ରଛାତ୍ରୀଙ୍କୁ କମ୍ପାର୍ଟମେଂଟ ଶ୍ରେଣୀରେ ରଖାଯାଇଛି, ଯାହା ମୋଟ ପରୀକ୍ଷାର୍ଥୀଙ୍କର ୯.୨୬ ପ୍ରତିଶତ ।

## ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (CBSE) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଶୁଭେଚ୍ଛା ଜଣାଇଛନ୍ତି । ପରୀକ୍ଷା ଫଳ ନିର୍ବିଶେଷରେ, ସମସ୍ତେ ଦୃଢ଼ ଆତ୍ମବିଶ୍ୱାସର ସହ ଜୀବନର ପ୍ରତିଟି ଆହ୍ୱାନକୁ ସାମ୍ନା କରି ଆଗକୁ ବଢ଼ନ୍ତୁ । ଏହି ପ୍ରତିଭାବାନ ଯୁବପିଢ଼ି ହିଁ ସମୃଦ୍ଧ ଓଡ଼ିଶାର ସାରଥୀ ସାଜିବେ । ସମସ୍ତ ଛାତ୍ରଛାତ୍ରୀଙ୍କର ସଫଳ ଏବଂ ପ୍ରଗତିଶୀଳ ଭବିଷ୍ୟତ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ ସିବିଏସଇ ଦ୍ୱାଦଶ ରେଜଲ୍ଟରେ ଏଥର ୮୫.୨୦ ପ୍ରତିଶତ ପାସ୍ ହାର ରହିଛି । ଛାତ୍ରୀଙ୍କ ପାସ୍ ହାର ୮୮.୮୫% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି । ଝିଅମାନଙ୍କ ପାସ୍ ହାର ୬.୭୩% ଅଧିକ ରହିଛି ।

# ପୁରୀ-କୋରାପୁଟ ମଧ୍ୟରେ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ରେଳ ମନ୍ତ୍ରଣାଳୟର ମଞ୍ଜୁରୀ

ଭୁବନେଶ୍ୱର : ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ପକ୍ଷରୁ ପୁରୀ ଏବଂ କୋରାପୁଟ ମଧ୍ୟରେ ଏକ ନୂତନ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି । ଏହି ନୂତନ ଟ୍ରେନ୍ (ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍) ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ । ଏହାଦ୍ୱାରା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ପାଇବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଏବଂ ଆଂଚଳିକ ସୁଗମତା ମିଳିପାରିବ । ଏହି ଟ୍ରେନ୍ ପ୍ରଚଳନ ଦ୍ୱାରା ପୁରୀ, ଭୁବନେଶ୍ୱର ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ମଧ୍ୟରେ ଏକ



ସିଧାସଳଖ ଏବଂ ସୁବିଧାଜନକ ରେଳ ସଂଯୋଗ ପାଇଁ ଅନେକ ଅବହେଳିତ ଅଂଚଳର ଲୋକମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି । ଏହି ଟ୍ରେନ୍ ସେବା ତୀର୍ଥସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି, ପର୍ଯ୍ୟଟନ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ସଂଯୋଗ ଯୋଗାଇଦେବ । ଏହି ନୂତନ ସେବା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ । ଏବଂ କୋରାପୁଟ ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକ ଦେଇ ଗତି କରିବ ଏବଂ ଏହି ଅଂଚଳର ଯାତ୍ରୀମାନଙ୍କୁ ଉପକୃତ କରିବ । ଏହା ବିଶେଷ କରି କେବିକେ ଅଂଚଳର ଜିଲ୍ଲାଗୁଡ଼ିକ ସହିତ ସଂଯୋଗକୁ ସୁଦୃଢ଼ କରିବ ଏବଂ ରାଜ୍ୟର ପ୍ରମୁଖ ଶିକ୍ଷା, ଚିକିତ୍ସା ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ପହଂଚିବା ସହଜ କରିବ । ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୋଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ । ଏହି ନୂତନ ଟ୍ରେନ୍ ଉପକୂଳ ଓଡ଼ିଶା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଯାତାୟାତରେ ଉନ୍ନତି ଆଣି ଆଂଚଳିକ ସମନ୍ୱୟ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଏହି ସେବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ କୋରାପୁଟ ଓ ରାୟଗଡ଼ାର ମନୋରମ ତଥା ଆଦିବାସୀ ଅଂଚଳ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଏକ ନିରନ୍ତର ସଂଯୋଗ ପ୍ରଦାନ କରିବ ।

# ପେଟ୍ରୋଲ-ଡିଜେଲ ହେବ ମହଙ୍ଗା : ଆରବିଆଇ ଗଭର୍ଣ୍ଣର

ନୂଆଦିଲ୍ଲୀ : କ'ଣ ଦେଶରେ ପେଟ୍ରୋଲ-ଡିଜେଲର ଦାମ୍ ବଢ଼ିବାକୁ ଯାଉଛି କି ? କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ପରେ ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅର୍ଥାତ ଆରବିଆଇ ଗଭର୍ଣ୍ଣର ମଧ୍ୟ ଏଭଳି ସଙ୍କେତ ଦେଇଛନ୍ତି । ସରକାରୀ ତୈଳ କମ୍ପାନୀ ଉପରେ ଅଶୋଧିତ ତୈଳର ବଢୁଥିବା ଖର୍ଚ୍ଚ ବୋଝ ଏହାର ବଡ କାରଣ ବୋଲି କୁହାଯାଉଛି । ଗର୍ଭନର ସଞ୍ଜୟ ମାଲହୋତ୍ରା ମଧ୍ୟ ଆମେରିକା ଓ ଇରାନ ଭିତରେ ଯୁଦ୍ଧ ଦ୍ୱାରା ମିଡିଲ ଇଷ୍ଟରେ ଉତେଜନାର ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ବୟାନ ଦେଇଛନ୍ତି । ଆରବିଆଇ ଗର୍ଭନର ସଞ୍ଜୟ ମାଲହୋତ୍ରାଙ୍କ କହିବା ଅନୁସାରେ, ଯଦି ମିଡିଲ ଇଷ୍ଟରେ ସଙ୍କଟ ଆହୁରି ଅଧିକ ଲମ୍ବା ହୁଏ, ତେବେ ଏଭଳି ସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦାମରେ ବୃଦ୍ଧି ଦେଖିବାକୁ ମିଳିପାରେ । ଆରବିଆଇ ଗଭର୍ଣ୍ଣର



ସଞ୍ଜୟ ମାଲହୋତ୍ରା ସଙ୍କେତ ଦେଇଛନ୍ତି, ଯଦି ମଧ୍ୟପୂର୍ବରେ ଉତେଜନା ଲାଗି ରହେ ତେବେ ଭାରତକୁ ତୈଳ କମ୍ପାନୀରୁ ଆସୁଥିବା ପେଟ୍ରୋଲ ଓ ଡିଜେଲର ଦାମ୍‌ରେ ବୃଦ୍ଧି କରିବାର ପଦକ୍ଷେପ ନିଆଯାଇପାରେ । ସେ କହିଛନ୍ତି, ଦୁନିଆରେ ମୋଟ ଆବଶ୍ୟକତାର ପ୍ରାୟ ୨୦% ତୈଳ ଆମଦାନୀ ପାଇଁ ଦାୟୀ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହେବା ଦ୍ୱାରା ସପ୍ଲାଇ ଚେନ୍ ପ୍ରଭାବିତ ହୋଇଛି । ଏହି କାରଣରୁ ଅଶୋଧିତ ତୈଳର ବଢୁଥିବା ଦାମ୍, ମୁଦ୍ରାସ୍ଫିତି, ଇନ୍ଧନ ଉତ୍ପାଦନ ଉପରେ ନିର୍ଭରତା, ଅର୍ଥବ୍ୟବସ୍ଥା ଉପରେ ଚାପ୍ ପକାଉଛି । ତାଙ୍କର ଏହି ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ, ସରକାରୀ ତୈଳ କମ୍ପାନୀ ଉପରେ ଅଶୋଧିତ ତୈଳର ବଢୁଥିବା ଖର୍ଚ୍ଚରୁ ଚାପ ବଢିପାରେ । ସ୍ୱିଜରଲ୍ୟାଣ୍ଡରେ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ସଞ୍ଜୟ ମାଲହୋତ୍ରା ଏହି ବକ୍ତବ୍ୟ ଦେଇଛନ୍ତି । ଆରବିଆଇ ଗଭର୍ଣ୍ଣରଙ୍କ ଅନୁଯାୟୀ, ଯଦି ବର୍ତ୍ତମାନର ବିଶ୍ୱ ଶକ୍ତି ସଙ୍କଟ ବୃଦ୍ଧି ପାଏ ଏବଂ ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ସରକାର ଆଉ ଅନିର୍ଦ୍ଦିଷ୍ଟ କାଳ ପାଇଁ ଖୁଚୁରା ଇନ୍ଧନ ମୂଲ୍ୟକୁ ଅପରିବର୍ତ୍ତିତ ରଖିପାରିବେ ନାହିଁ । ଯଦି ଏହି ଉତେଜନା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ଆକାରରେ ଗ୍ରାହକଙ୍କ ଉପରେ ତୈଳ ମୂଲ୍ୟ ବୃଦ୍ଧି କରିବାକୁ ସରକାରଙ୍କୁ କେବଳ ଅଳ୍ପ ସମୟ ଲାଗିବ ।

# ଇସ୍ରୋ ପରିଦର୍ଶନ କଲେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର

ବେଙ୍ଗାଲୁରୁ : ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବେଙ୍ଗାଲୁରୁସ୍ଥିତ ୟୁ.ଆର.ରାଓ ସାଟେଲାଇଟ୍ ସେଂଟର ଏବଂ ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ ପରିଦର୍ଶନ କରିଛନ୍ତି । ବର୍ତ୍ତମାନର ଶାସନ ବ୍ୟବସ୍ଥା ଏବଂ ବୈଜ୍ଞାନିକ ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ଓଡ଼ିଶା ସରକାର ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ଥିଲା । ମନ୍ତ୍ରୀ ଶ୍ରୀ ପାତ୍ର ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନଙ୍କ ସହ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ତଦାରଖ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତାବସ୍ଥାର ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଉପଗ୍ରହ ତଥ୍ୟ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା



କରିଥିଲେ । ସେହିଭଳି ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ ପରିସରରେ ସାଟେଲାଇଟ୍ ସଂଯୋଗୀକରଣ କ୍ଷେତ୍ର ପରିଦର୍ଶନ କରିବା ସହ ମନ୍ତ୍ରୀ ଶ୍ରୀ ପାତ୍ର ଅତ୍ୟାଧୁନିକ 'କ୍ଲିନ୍ ରୁମ୍' ସୁବିଧା ବୁଲି ଦେଖିଥିଲେ । ଭାରତର ଭବିଷ୍ୟତରେ ଯୋଗାଯୋଗ ବ୍ୟବସ୍ଥା ଏବଂ ନେଭିଗେସନ୍ ସାଟେଲାଇଟ୍‌ଗୁଡ଼ିକର ଜଟିଳ ସଂଯୋଗୀକରଣ ଓ ପରୀକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସେ ଅବଗତ ହୋଇଥିଲେ । ୟୁ.ଆର.ରାଓ ସାଟେଲାଇଟ୍ ସେଂଟର ସ୍ଥିତ ମହାକାଶ ସଂଗ୍ରହାଳୟ ବୁଲି ଦେଖି ଶ୍ରୀ ପାତ୍ର 'ଆର୍ଯ୍ୟଭଟ୍ଟ'ଠାରୁ ଆରମ୍ଭ କରି ବର୍ତ୍ତମାନର ମହାକାଶ ଅଭିଯାନ ପର୍ଯ୍ୟନ୍ତ ଭାରତର ସଫଳତା ବିଷୟରେ ଅବଗତ ହୋଇଥିଲେ । ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ଭୁବନେଶ୍ୱରରେ ପ୍ରସ୍ତାବିତ ସାଇନ୍ସ ସିଟିରେ ଏଭଳି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ସ୍ଥାପନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଗସ୍ତ ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ । ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ପଦକ୍ଷେପକୁ ୟୁ.ଆର.ରାଓ ସାଟେଲାଇଟ୍ ସେଂଟର ନିର୍ଦ୍ଦେଶକ ପ୍ରଶଂସା କରିଥିଲେ ।

# ଶିଳ୍ପ ସଂପ୍ରସାରଣ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର : ବିଶ୍ୱ ଦକ୍ଷତା କେନ୍ଦ୍ର ଓଡ଼ିଶାରେ ଉନ୍ନତମାନର ଦକ୍ଷତା ବିକାଶ ପାଇଁ ଦୃଢ଼ ଭିତିପ୍ରସ୍ତର ସ୍ଥାପନ କରିଛି । ଏବେ ଏହାର ଭିତିଭୂମିର ସମ୍ପୂର୍ଣ୍ଣ ବିନିଯୋଗ, ଶିଳ୍ପ ସହଭାଗିତାକୁ ସୁଦୃଢ଼ କରି ଏବଂ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ



ରକ୍ଷା କରି ଏହାର ପରିସରକୁ ଆହୁରି ବ୍ୟାପକ କରିବାକୁ ହେବ । ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସମୀକ୍ଷା କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏହାସହ ଓଡ଼ିଶାର ଯୁବପିଢ଼ିଙ୍କୁ କେବଳ ଘରୋଇ ନିଯୁକ୍ତି ପାଇଁ ନୁହେଁ, ବରଂ 'ୱାର୍ଲ୍ଡ ସ୍କିଲ୍ସ' ଭଳି ବିଶ୍ୱସ୍ତରୀୟ ମଂଚ ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି । ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ । ପ୍ରତିଷ୍ଠା ପରଠାରୁ ଏହା ୯,୦୦୦ ରୁ ଅଧିକ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି । ଏହି କେନ୍ଦ୍ର ୯୯% ରୁ ଅଧିକ ନିଯୁକ୍ତି ହାର ହାସଲ କରିଛି । ଏଠାରୁ ପ୍ରଶିକ୍ଷଣ ପାଇଥିବା ପିଲାଙ୍କ ମଧ୍ୟରୁ ୨୫୧ ଜଣ ଟାଟା ଗ୍ରୁପ୍, ହିଟାଚି ଓ ୱିପ୍ରୋ ଭଳି ନାମୀଦାମୀ କମ୍ପାନୀରେ ବିଦେଶରେ ଚାକିରି ପାଇଛନ୍ତି । ଏହାସହ କେନ୍ଦ୍ର ପକ୍ଷରୁ 'ପ୍ରଶିକ୍ଷକଙ୍କ ତାଲିମ' କାର୍ଯ୍ୟକ୍ରମ ଜରିଆରେ ୪,୦୦୦ରୁ ଅଧିକ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏଥିସହ ଆଡଭାନ୍ସଡ୍ ୱେଲ୍ ?ଡିଂ, ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ଏବଂ ସ୍ମାର୍ଟ ମାନୁଫ୍ୟାକଚରିଂ ଭଳି ଅତ୍ୟାଧୁନିକ ବିଷୟରେ ଏଠାରେ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରାଯାଇଛି । ମାନ୍ୟବର ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତିକୁ ପ୍ରଶଂସା କରିବା ସହ ଏହାର ପରିସର ବୃଦ୍ଧି ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଛନ୍ତି । ଭିତିଭୂମିର ସଠିକ୍ ଉପଯୋଗ ଉପରେ ଗୁରୁତ୍ୱ ଦେଇ ସେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା, ଶିଳ୍ପ-ଭିତିକ ସ୍ୱଳ୍ପକାଳୀନ ପାଠ୍ୟକ୍ରମର ସମ୍ପ୍ରସାରଣ ଏବଂ ଅଣ୍ଡର-ୱାଟର ଓ ପାଇପ୍ ୱେଲଡିଂ ଭଳି ସ୍ୱତନ୍ତ୍ର ଦକ୍ଷତା କ୍ଷେତ୍ରଗୁଡ଼ିକ ଆରମ୍ଭ କରିବା ଉପରେ ଜୋର ଦେଇଛନ୍ତି । ଏହାସହ ସରକାରୀ ଅନୁଷ୍ଠାନ, ବେସରକାରୀ ଆଇଟିଆଇ ଏବଂ ପଲିଟେକନିକଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଆହ୍ୱାନ ଦେଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**